## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ବ୍ରହ୍ମପୁର ଅଫିସ,୧୫।୯: ସାପ କାମୁଡ଼ାରେ ଗୁରୁତର ଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ସରୋଜିନୀ ପ୍ରଧାନ (୫୫)। ଘର ଶେରଗଡ ଥାନା ଅନ୍ତର୍ଗତ ଡେଙ୍ଗାପଦର ବୋଲି ପୋଲିସ କହିଛି। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୪୮୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ସନ୍ଧ୍ୟାରେ ବାରିପଟେ ସରୋଜିନୀ ଝାଡୁ କରୁଥିବା ବେଳେ ଏକ ବିଷଧର ସାପ ତାଙ୍କ ଡାହାଣ ଗୋଡ଼ର ପାଦକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ଏଆଇଡିଓ୍ୱାଇଓର ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ,୧୫।୯: ଭାରତର ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ଅର୍ଥନୀତି ତୀବ୍ର ମାନ୍ଦାବସ୍ଥା ଦେଇ ଗତି କରୁଛି। ଶିଳ୍ପ ଉଦ୍ୟୋଗରେ ଶ୍ରମିକ, କର୍ମଚାରୀ ଛଟେଇ ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ସରକାର ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଅଲ ଇଣ୍ଡିଆ ଡେମୋକ୍ରାଟିକ୍ ଯୁଥ୍ ଅର୍ଗାନାଇଜେଶନ (ଏଆଇଡିଓ୍ୱାଇଓ)ଆଞ୍ଚଳିକ କମିଟି ପକ୍ଷରୁ ରବିବାର ଆୟୋଜିତ 'ବେକାର ସମସ୍ୟାର କାରଣ ଓ ଏହାର ସ୍ଥାୟୀ ସମାଧାନ' ସମ୍ପର୍କିତ ଏକ ଆଲୋଚନା ଚକ୍ରରେ କ୍ଷୋଭ ପ୍ରକାଶ ପାଇଛି। ଗଞ୍ଜାମ କଳା ପରିଷଦ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିକ୍ଷକ ଏଚ. ଭେଙ୍କଟ ରାଓ ଅଧକ୍ଷତା କରିଥିଲେ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ବିଷ୍ଣୁ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ବେକାରି ସମସ୍ୟାର ସମାଧାନରେ ସରକାରଙ୍କ ଅବହେଳା ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଓଲଟା ଟିକସ ବୋଝ ଲଦୁଛନ୍ତି। ବେକାର ଯୁବତୀଯୁବକ ସରକାରଙ୍କ ଏଭଳି ନୀତି ବିରୋଧରେ ଆନ୍ଦୋଳନ କରିବା ଆବଶ୍ୟକ ବୋଲି ମୁଖ୍ୟବକ୍ତା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଆଞ୍ଚଳିକ କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ମହାନ୍ତି, ମଧୁସୂଦନ ଦାଶ, ପ୍ରଶାନ୍ତ ଭୂୟାଁ, ଅମୂଲ୍ୟ ଅନମୋଲ, ଦୀପକ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ନିଷ୍ଟରେ ଯୁବ ସଶକ୍ତୀକରଣ ଉତ୍ସବ ଆଜି

ବ୍ରହ୍ମପୁର ଅଫିସ୍,୧୫।୯: ଓଡ଼ିଶାରେ ପ୍ରଥମଥର ପାଇଁ ହେବାକୁ ଯାଉଛି ଯୁବ ସଶକ୍ତୀକରଣ ଉତ୍ସବ। ବ୍ରହ୍ମପୁର ଉପକଣ୍ଠ ନିଷ୍ଟ କଲେଜରେ ସୋମବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସାମାଜିକ ସଶକ୍ତୀକରଣ ଓ ଉଦ୍ୟୋଗୀକରଣ କ୍ଷେତ୍ରରେ ସହାୟକ ହୋଇପାରିବ। ଇଣ୍ଡିଆନ ଇନୋଭେସନ୍ ଆଣ୍ଡ ଏଣ୍ଟ୍ରେପ୍ରିନ୍ୟୋର୍‌ଶିପ୍ କମ୍ୟୁନିଟି (ଆଇଆଇଇସି) ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଡ଼ିଜିଟାଲ କ୍ଷେତ୍ରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଦିଲ୍ଲୀ, ରାଜସ୍ଥାନ ଏବଂ ଓଡ଼ିଶାରୁ ୪୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଯୋଗଦେବେ।
ଏହି ଏକ ଦୀବସୀୟ ଯୁଥ୍ ଇଭେଣ୍ଟରେ ବୈଷୟିକ ଶିକ୍ଷା, ଉଦ୍ୟୋଗ କର୍ମଶାଳା, ଲଞ୍ଚ ସେଶନରେ ଛାତ୍ରୀଛାତ୍ରମାନେ ଯୋଗଦେଇ ଆତ୍ମନିର୍ଭରଶୀଳ ହେବା ପାଇଁ ଦକ୍ଷତାର ବିକାଶ ଘଟାଇ ପାରିବେ। ଗୁରୁଗ୍ରାଓଁ, ଦିଲ୍ଲୀ ଓ ଜୟପୁରରୁ ବହୁ ପ୍ରତିଷ୍ଠିତ ଶିକ୍ଷାବିତ୍ ଏବଂ ପ୍ରଫେସର ଏଥିରେ ଯୋଗଦେବେ। ଯୁବ ଗୋଷ୍ଠୀଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଏବଂ ଶିକ୍ଷା ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂସ୍ଥା ସଂସ୍ଥାପକ ଇଞ୍ଜିନିୟର ବିମଳ ଡ଼ାଗା ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ଯନ୍ତ୍ରୀ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୧୫।୯: ଅବସରପ୍ରାପ୍ତ ଡିପ୍ଲୋମା ଯନ୍ତ୍ରୀ ସଂଘ ବ୍ରହ୍ମପୁର ଶାଖାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତରତ୍ନ ଏମ୍. ବିଶ୍ୱେଶ୍ୱରାୟଙ୍କ ଜନ୍ମ ଦିବସ ତଥା ଇଞ୍ଜିନିୟର୍ସ ଦିବସ ପାଳନ କରାଯାଇଥିଲା। ଶାରଦା ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ୨୦୧୯-୨୦ବର୍ଷ ପାଇଁ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ବାଞ୍ଛାନିଧି ଦାସ, ଉପସଭାପତି ଚନ୍ଦ୍ରମଣୀ, ସମ୍ପାଦକ ପୃଥ୍ୱୀରାଜ୍ ସୁବୁଦ୍ଧି, ଉପଦେଷ୍ଟା ଆର୍. ମୂର୍ତ୍ତି, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ଷଡ଼ଙ୍ଗୀ, ଏଆର୍ ରମଣ, କାର୍ଯ୍ୟକାରୀ କମିଟି ସଦସ୍ୟ ନାରାୟଣ ପଟ୍ଟନାୟକ, ଜବାହାରଲାଲ୍ ପାତ୍ର ଓ ଶିବାନନ୍ଦ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଥିଲା।

■ ସାଙ୍ଗଠନିକ ନିର୍ବାଚନ କର୍ମଶାଳାରେ ଗୁରୁତ୍ୱ

# ଦକ୍ଷିଣାଞ୍ଚଳରେ ଶକ୍ତିବୃଦ୍ଧି କରିବ ଭାଜପା

ବ୍ରହ୍ମପୁର ଅଫିସ,୧୫।୯

ଭାରତୀୟ ଜନତା ପାର୍ଟି (ଭାଜପା)ର ସାଙ୍ଗଠନିକ ନିର୍ବାଚନ କର୍ମଶାଳା ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ, ଘୁମୁସର, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରୁ ୫ ଜଣ ଲେଖାଏ ସକ୍ରିୟ କର୍ମୀ ଏବଂ ଗତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦଳର ସମସ୍ତ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ଯୋଗ ଦେଇଥିଲେ। ପାର୍ଟି ସମ୍ବିଧାନ ଅନୁସାରେ ସଂଗଠନର ପୁନର୍ବିନ୍ୟାସ କରାଯିବ ଏବଂ ଦକ୍ଷିଣାଞ୍ଚଳର ଉପରୋକ୍ତ ୫ ଜିଲାରେ ସଦସ୍ୟତା ଅଭିଯାନ ସରିଥିବାରୁ ଭାଜପା ରାଜନୈତିକ ଶକ୍ତି ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ସପ୍ତାହ ବ୍ୟାପୀ ଧୂମ୍‌ଧାମରେ ପାଳନ ସହ ସେବା ସପ୍ତାହରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ଓ ଜନ ସଚେତନତା ସୃଷ୍ଟି ନିମନ୍ତେ ଦଳ ନେତା, କର୍ମୀ ସଂକଳ୍ପବଦ୍ଧ ହେବାକୁ ଗୁରୁତ୍ୱ ଦିଆଯାଇଥିଲା।
ରାଜସ୍ୱ ଡ଼ାକ ବଙ୍ଗଳା ସମ୍ମିଳନୀ କକ୍ଷରେ ହୋଇଥିବା କର୍ମଶାଳାରେ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି କାହ୍ନୁ ଚରଣ ପତି ଅଧକ୍ଷତା କରିଥିଲେ।


କର୍ମଶାଳାରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

ବରିଷ୍ଠ ନେତା ଖାରବେଳ ସ୍ୱାଇଁ ଓ ରାଜ୍ୟ ସମ୍ପାଦକ ବିଭୂତି ଜେନାଙ୍କ ସମେତ ପିଙ୍କି ପ୍ରଧାନ, ଜୟନ୍ତୀ ପଡ଼ିଆରୀ, ମହେଶ ମହାନ୍ତି, ଦେବରାଜ ମହାନ୍ତି, ମନୋରଞ୍ଜନ ଦ୍ୟାନସାମନ୍ତରା, ନୀଳମଣି ବିଷୋୟୀ, କରେନ୍ଦ୍ର ମାଝି, ରଞ୍ଜନ ପଲେଇ, ଜି. ରାବଣା ପ୍ରମୁଖ ଯୋଗ ଦେଇଥିଲେ। ଖାରବେଳ ଓ କାହ୍ନୁ ଉପସ୍ଥିତ ନେତା ଓ କର୍ମୀଙ୍କୁ ସାଙ୍ଗଠନିକ ନିୟମ ବୁଝାଇଥିଲେ। ଅପରାହ୍ନ ଅଧିବେଶନରେ ସଂଗଠନ ଦାୟିତ୍ୱରେ ଥିବା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ଯୋଗ ଦେଇଥିଲେ।
ଗଞ୍ଜାମ ସାଙ୍ଗଠନିକ ଜିଲାର ପ୍ରମୁଖ କାର୍ଯ୍ୟକର୍ତ୍ତା ସୁନିଲ କୁମାର ସାହୁ, ପ୍ରଭାତ

■ ସେବା ସପ୍ତାହରେ ପ୍ଲାଷ୍ଟିକ ବର୍ଜନ
■ ଜଳ ସଂରକ୍ଷଣ ପାଇଁ ଶପଥପାଠ

ଷଡ଼ଙ୍ଗୀ, ଶରତ ସାହୁ, ଗୋପୀନାଥ ପଣ୍ଡା, ରବୀନ୍ଦ୍ର ସାହୁ, ବାଳକୃଷ୍ଣ ସାମନ୍ତରା, ଡ଼ା. ଅମୂଲ୍ୟ ଚୌଧୁରୀ, ନୀଳକଣ୍ଠ ସାହୁ, ମଦନ ମୋହନ ପାତ୍ର, ପ୍ରବୀର ପାତ୍ର ଓ ଅନ୍ୟମାନେ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ମହିଳା ମୋର୍ଚ୍ଚା ଓ ଯୁବମୋର୍ଚ୍ଚା ଏବଂ ବିଭିନ୍ନ ମଣ୍ଡଳର କାର୍ଯ୍ୟକର୍ତ୍ତା, କର୍ମୀମାନେ ଉପସ୍ଥିତ ଥିଲେ। ଭାଜପା ସଂଗଠନକୁ ବିସ୍ତାର କରାଯିବାକୁ ମତ ପ୍ରକାଶ ପାଇଥିଲା।
କର୍ମଶାଳା ଶେଷରେ ସଭାପତି ପତି କହିଥିଲେ, ବିଭିନ୍ନ ଦିବସରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନ ଓ ଉପଲବ୍ଧି ଉପରେ ଆଧାରିତ ପ୍ରଦର୍ଶନୀ ପ୍ରତି ବିଧାନସଭା କ୍ଷେତ୍ରସ୍ତରରେ ପ୍ରଦର୍ଶିତ ହେବ। ସେବା କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିରରେ ଲୋକଙ୍କ ଚକ୍ଷୁ ପରୀକ୍ଷା, ଅନାଥ ଆଶ୍ରମ, ବାଳାଶ୍ରମ ଏବଂ ଡ଼ାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବ। ସମସ୍ତ ପୌରାଞ୍ଚଳ ଓ ବ୍ଲକସ୍ତରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ନିଷ୍ପତ୍ତି ହୋଇଛି। ଅପରପକ୍ଷରେ କର୍ମଶାଳାରେ ଉପସ୍ଥିତ ସମସ୍ତେ ପ୍ଲାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ପାଇଁ ଶପଥ ପାଠ କରିଥିଲେ।

# ଭଲିବଲ୍ ମହାସଂଘ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ୍,୧୫।୯

ଗଞ୍ଜାମ ଜିଲା ଡାବା ଭଲିବଲ୍ ମହାସଂଘ ଚତୁର୍ଥ କାର୍ଯ୍ୟକାରିଣୀ ବୈଠକ ରାଜା ସାହିସ୍ଥିତ ଭାଗବତ ପୀଠ କମ୍ୟୁନିଟି ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ସଭାପତି ହୃଷୀକେଶ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମହାସଂଘ କିଭଳି ସୁଦୃଢ଼ ହେବ ଏବଂ ରାଜ୍ୟସ୍ତରରେ ମାନ୍ୟତା ପାଇବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାର ପ୍ରଚାର ପ୍ରସାର ଲାଗି ଗଣମାଧ୍ୟମର ସହଯୋଗ ପାଇଁ


ବୈଠକରେ ଉପସ୍ଥିତ ମହାସଂଘ କର୍ମକର୍ତ୍ତାମାନେ।

ମତପ୍ରକାଶ ପାଇଥିଲା। ଅକ୍ଟୋବର ୨୦ରେ ଆସିକା ଟାଉନ୍ ହଲ୍‌ରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯିବ। ସଭାରେ ବିଧାନସଭା ବାଚସ୍ପତିଙ୍କ ସମେତ ସମସ୍ତ ଜିଲାର ନବନିର୍ବାଚିତ ଏମ୍‌ପି, ବିଧାୟିକା, ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଡାବା ଭଲିବଲ୍‌କୁ ସରକାରଙ୍କ ନିକଟରେ ରାଜ୍ୟସ୍ତରୀୟ ମାନ୍ୟତା ଦେବାକୁ ଦାବିପତ୍ର ପ୍ରଦାନ କରାଯିବ। ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ବେହେରା, ସାଧାରଣ ସମ୍ପାଦକ ଚିନ୍ତାମଣି ନାୟକ, ପରାମର୍ଶଦାତା ଦୁର୍ଗା ପ୍ରସାଦ ଦାସ, ଆଇନ୍ ପରାମର୍ଶଦାତା ଦିଲୀପ କୁମାର ପାଣିଗ୍ରାହୀ, ସଭ୍ୟ ସ୍ୱଦେଶ କୁମାର ଦଳେଇ, ସୁଶାନ୍ତ କୁମାର ଦଳେଇ, ସୁଧୀର କୁମାର ରେଡ୍ଡୀ, ଅଜିତ କୁମାର ମୁଖି, ରୋହିତ କୁମାର ନାୟକ, ଅଶୋକ କୁମାର ପାଣିଗ୍ରାହୀ, ସୁଶାନ୍ତ କୁମାର ପଣ୍ଡା, ରଜନୀକାନ୍ତ ମହାପାତ୍ର ଏବଂ ଜିତେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

■ ପୂର୍ବତନ କର୍ପୋରେଟରଙ୍କ ପୁଅଙ୍କୁ ହତ୍ୟା ଉଦ୍ୟମ

# ମାଷ୍ଟରମାଇଣ୍ଡଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୧୫।୯

ବ୍ରହ୍ମପୁର ବଡ ବଜାର ଥାନା ସୀତାଡ଼ିମ୍ବିରା ସାହିରେ ଗତ ୨୧ ତାରିଖ ରାତିରେ ବିଏମ୍‌ସିର ପୂର୍ବତନ କର୍ପୋରେଟର କୃଷ୍ଣ ସେଠୀଙ୍କ ପୁଅ ଟିଙ୍କୁ ଓରଫ ଗୌରବଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ହତ୍ୟା ଉଦ୍ୟମ ଘଟଣାର ମାଷ୍ଟରମାଇଣ୍ଡ ପରି ଓରଫ ପରିକ୍ଷିତ ଲିମ୍ବିୟାଙ୍କୁ ପୋଲିସ ଏବେ ସୁଦ୍ଧା ଗିରଫ କରିପାରିନାହିଁ। ଅଭିଯୁକ୍ତ ପରିଙ୍କୁ ହାଇକୋର୍ଟରୁ ଆଣ୍ଟିସିପେଟ୍ଟୋରୀ ବେଲ ମିଳିବା ପର୍ଯ୍ୟନ୍ତ ପୋଲିସ ଅପେକ୍ଷା କରିଛି ନା ଅନ୍ୟ କିଛି କାରଣ ରହିଛି ତାହା ଜଣା ପଡୁନାହିଁ। ପ୍ରକାଶ ଯେ, ଅଗଷ୍ଟ ୨୧ ସନ୍ଧ୍ୟାରେ ଗୌରବ ବାପାଙ୍କ ନାମରେ ସାନବଜାର ଛକରେ ଏକ ବିଦେଶୀ ମଦ ଦୋକାନ ରହିଛି। ମଦ ପିଇବାକୁ କେନ୍ଦ୍ରକରି କେତେଜଣ ଯୁବକ ସେଠାରେ ଝଗଡା କରିଥିଲେ। ପରେ ଏହି ଘଟଣାର ଆପୋସ ସମାଧାନ ପାଇଁ ଗୌରବଙ୍କୁ ସୀତାଡ଼ିମ୍ବିରା ସାହିକୁ ରାତିରେ ଡକାଯାଇଥିଲା। ସେ ଘଟଣସ୍ଥଳରେ ପହଞ୍ଚିବା ମାତ୍ରେ ତାଙ୍କୁ ଯୋଜନାବଦ୍ଧ ଭାବେ ପଥରରେ ଛେଚି ହତ୍ୟା ଉଦ୍ୟମ କରାଯାଇଥିଲା। ପରେ କୃଷ୍ଣ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୧୩୭/୧୯ରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପରିକି ଏଥିରେ ସାମିଲ ଥିବା ୨ ଜଣ ନାବାଳକଙ୍କୁ ଧରି ଜେଜେବି ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ମଧ୍ୟ ପଠାଇଥିଲା।

# ବ୍ଲକସ୍ତରୀୟ ବାଳିକା ଆତ୍ମସୁରକ୍ଷା ତାଲିମ



ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀ ଓ ଛାତ୍ରୀମାନେ।

ବ୍ରହ୍ମପୁର ଅଫିସ୍,୧୫।୯

ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଯୋଗାଇ ଦେବା ଲକ୍ଷ୍ୟ ନେଇ ବେଲଗୁଣ୍ଠା ବୈଷୟିକ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ୩ ଦିନିଆ ବ୍ଲକସ୍ତରୀୟ ବାଳିକା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ପଲକ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପ୍ରତି ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରତିଦିନ ମହିଳା, ଯୁବତୀ ଏବଂ ଛାତ୍ରୀଙ୍କ ଉପରେ ହେଉଥିବା ଶାରୀରିକ ଅତ୍ୟାଚାରକୁ ସେ ତୀବ୍ର ନିନ୍ଦା କରିବା ସହ ସେମାନଙ୍କ ସୁରକ୍ଷା ପାଇଁ ଏଭଳି ତାଲିମ ଶିବିରର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଭଞ୍ଜନଗର ସାବିତ୍ରୀ ମହାବିଦ୍ୟାଳୟ ଅଧାପିକା ତନୁଜା ପୂଜାରୀ ଯୋଗଦେଇ ଝିଅମାନେ କୌଣସି ଗୁଣରେ ପୁଅଙ୍କ ତୁଳନାରେ କମ୍ ନୁହଁ ବୋଲି କହିଥିଲେ। ପୂର୍ବତନ ପ୍ରଶିକ୍ଷକ ଚନ୍ଦ୍ରଭାନୁ ପାଢୀ ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମୂହ ଉପରେ ଆଲୋକପାତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ୪ଜଣ ମାଷ୍ଟର ଟ୍ରେନର୍‌ଙ୍କ ସମେତ ମୋଟ ୭୫ ଛାତ୍ରୀ ଭାଗ ନେଇଥିଲେ। କେଶରୀ ନନ୍ଦନ ପ୍ରଧାନ, ସୁମନ୍ତ କୁମାର ସେଠୀ, ଦୀପା ସ୍ୱାଇଁ, ଅରୁନ୍ଧତୀ ପ୍ରଧାନ, ସୋନାକ୍ଷୀ ଦିଗାଲ, ପ୍ରିୟଙ୍କା ବଳିୟାରସିଂ, ରାଜଶ୍ରୀ କଅଁର, ସଂଗ୍ରାମ କେଶରୀ ନାୟକ, ଅର୍ଜ୍ଜୁନ ପଣ୍ଡା ଓ ହୃଷୀକେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷା ପ୍ରତି ଉଚ୍ଚଶିକ୍ଷିତ ବର୍ଗଙ୍କ ଆନ୍ତରିକତା ନାହିଁ

ବ୍ରହ୍ମପୁର ଅଫିସ,୧୫।୯

ଓଡ଼ିଆ ଭାଷାର ସାର୍ବଜନୀନ ବ୍ୟବହାର ନିମନ୍ତେ ସରକାରୀସ୍ତରରେ ଆଇନ ହେଉଛି। କିନ୍ତୁ କଠୋର ଦଣ୍ଡ ବିଧାନରେ ଅବହେଳା, ଉଚ୍ଚ ଶିକ୍ଷିତ ବର୍ଗଙ୍କ ଆନ୍ତରିକତାର ଅଭାବ ଯୋଗୁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ହ୍ରାସ ପାଉଛି। ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଆୟୋଜିତ ଆଲୋଚନା ସଭାରେ ଏଭଳି କ୍ଷୋଭ ପ୍ରକାଶ ପାଇଛି। ସ୍ଥାନୀୟ ଉତ୍କଳ ଆଶ୍ରମ ପରିସରରେ ସମ୍ମିଳନୀର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମନ୍ମଥ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଡା. ବୃନ୍ଦାବନ ଚନ୍ଦ୍ର ପାଢୀ, ଯୁଗ୍ମ ସମ୍ପାଦକ ଡା. ନକୁଳ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଡିଶା ଉପାନ୍ତରେ ଆନ୍ଧ୍ର ସରକାରଙ୍କ ସହାୟତା ବାହାନାରେ କରାଯାଉଥିବା ଅନୁପ୍ରବେଶକୁ ବୈଠକରେ

**ଉତ୍କଳ ସମ୍ମିଳନୀ କାର୍ଯ୍ୟକାରିଣୀ ବୈଠକ**

ଦୃଢ ବିରୋଧ କରାଯାଇଥିଲା। ରାଜ୍ୟ ସରକାର ଏଦିଗରେ ତୁରନ୍ତ ପ୍ରତିକାର କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ପ୍ରଫେସର ରଘୁନାଥ ପାଢୀ ଶର୍ମା, ଡ.ରବିନାରାୟଣ ମିଶ୍ର, ଡାକ୍ତର ଚନ୍ଦ୍ରମଣୀ ସ୍ୱାଇଁ, ଡା.ସାଗର ରଞ୍ଜନ ତ୍ରିପାଠୀ, ଡ.ଶିବପ୍ରସାଦ ମିଶ୍ର, ମହମ୍ମଦ ଆସଲାମ୍ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପଲାସା -ଭୁବନେଶ୍ୱର ଡିଏମ୍‌ୟୁ ଟ୍ରେନ୍‌କୁ ଉତ୍କଳ ସମ୍ମିଳନୀ ନାମରେ ନାମିତ କରାଯିବା ସହ ଏହାକୁ ପୁରୀ ସମ୍ପ୍ରସାରଣ କରାଯିବାକୁ ଦାବି ଉପସ୍ଥାପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀଙ୍କ ସମେତ କୃଷ୍ଣ ଚନ୍ଦ୍ର ଦାସ, ବିପ୍ରଚରଣ ପାତ୍ର, ନବୀନ କୁମାର ପଟ୍ଟନାୟକ,ସ୍ୱର୍ଣ୍ଣପ୍ରଭା ପାଢୀ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଓ ସୁଧାଞ୍ଜଳି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ନଦୀର ଶତ୍ରୁ ବାଲି ମାଫିଆ

ବ୍ରହ୍ମପୁର ଅଫିସ୍,୧୫।୯

କେବଳ ଋଷିକୁଲ୍ୟା ନୁହେଁ, ଗଞ୍ଜାମ ଜିଲାର ଅନ୍ୟାନ୍ୟ ନଦୀଗୁଡ଼ିକର ସୁରକ୍ଷା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଫିଆମାନେ ବେଧଡ଼କ ଭାବେ ନଦୀ ବାଲି ଚାଲାଣ କରୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ଦିଗରେ ପଦକ୍ଷେପ ନିଆଯାଉ ନାହିଁ ବୋଲି ଗଞ୍ଜାମ ଜିଲା ନଦୀ ସୁରକ୍ଷା ସମ୍ମିଳନୀରେ ମତପ୍ରକାଶ ପାଇଛି। ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଫୋରମ୍ ଫର୍ ଗଞ୍ଜାମ ସଂଯୋଜକ ସୁଧୀର କୁମାର ରାଉତଙ୍କ ଅଧକ୍ଷତାରେ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀ ଆରମ୍ଭ ପୂର୍ବରୁ ଗିରିରୋଡ୍‌ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରୁ ଏକ ସଚେତନତା ପଦଯାତ୍ରା ବାହାରି ସର୍କିଟ୍ ହାଉସ୍‌ରେ ପହଞ୍ଚିଥିଲା। ପରିବେଶ ଭିତ୍ତିକ ଲୋକକଳା ଦାସ କାଠିଆ ପରିବେଷଣ କରାଯାଇଥିଲା। ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ବକ୍ତାମାନେ।

ଦାସ, ସଂଯୋଜକ ବିଜୟ କୁମାର ପ୍ରଧାନ ଏବଂ ପ୍ରକାଶ ରଥ ଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଇ.ଟି. ରାଓ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। କର୍ମଶାଳା ସମ୍ପର୍କିତ ପ୍ରାରମ୍ଭିକ ସୂଚନା ଦେଇଥିଲେ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା। ସୁଧୀର କୁମାର ରାଉତ ଋଷିକୁଲ୍ୟା ଏବଂ ବାହୁଦା ନଦୀର ଉତ୍ପତ୍ତିଠାରୁ ସଂଗମ ପର୍ଯ୍ୟନ୍ତ ବିବରଣୀ ପ୍ରଦାନ କରିଥିଲେ। କର୍ମଶାଳାରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍, ଫୋରମ୍ ଫର୍ ଗଞ୍ଜାମ, ଚାମ୍ବର ଅଫ୍ କମର୍ସ, ହେତୁବାଦୀ ସଂଗଠନ, ମାନବ ଅଧିକାର ସୁରକ୍ଷା ମଞ୍ଚ, ଶିକ୍ଷକ ସଂଗଠନ, ସାହିତ୍ୟିକ, କବି, କବୟିତ୍ରୀ, ଆଇନଜୀବୀ, ଯନ୍ତ୍ରୀ, ଚାଷୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଚାଷୀକୂଳ ଏବଂ ଅଧିବାସୀ ନଦୀ ସମସ୍ୟା ବର୍ଣ୍ଣନା କରିଥିଲେ। ନଦୀଗୁଡ଼ିକରେ ଶୋଷଣ, ପ୍ରଦୂଷଣ ଏବଂ ଅତିକ୍ରମଣ ମୁକ୍ତ କରାଯିବା ପାଇଁ ନିବେଦନ କରିଥିଲେ। ଆଲୋଚନାରେ ଇଂ. ଟି. ଗଣେଶ, ଇଂ. ପ୍ରଶାନ୍ତ ପାତ୍ର, ସାହିତ୍ୟିକ ଚନ୍ଦ୍ରମଣୀ ସ୍ୱାଇଁ, ପ୍ରଶାନ୍ତ ମୁନୀ, ଜାମୁଲା ସୁରେଶ, ଡା. ସାଗର ରଞ୍ଜନ ତ୍ରିପାଠୀ, ଭି.ସନ୍ତୋଷ, ବୃନ୍ଦାବନ ଖଟେଇ, ଶ୍ୟାମ ସୁନ୍ଦର ଦୋରା ଓ ବିଜୟ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ। ଜିଲାର ନଦୀ ସମ୍ପର୍କିତ ଏକ ପୁସ୍ତକ ଡ. ଚନ୍ଦ୍ରମଣୀ ସ୍ୱାଇଁଙ୍କ ସମ୍ପାଦନାରେ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗଞ୍ଜାମ ଜିଲା ନଦୀ ସୁରକ୍ଷା ମଞ୍ଚ ସ୍ଥାୟୀ କମିଟି ଆବାହକ ସୁଧୀର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଗଠନ କରିବାକୁ ଆଲୋଚନା ହୋଇଥିଲା। ନଭେମ୍ବର ୩୦ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ନଦୀ ସମ୍ମିଳନୀରେ ଯୋଗ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ସୁଶାନ୍ତ ମହାନ୍ତି, ମନୋଜ ଡାକୁଆ, ଭୀମରାଜୁ ପାତ୍ର ଓ ଭୀମସେନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସ୍ୱରାଜ୍ୟ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର


ବ୍ରହ୍ମପୁର ସହର ପ୍ରେମ୍ ନଗର ମୁଖ୍ୟ ରାସ୍ତା କଡ଼ରେ ଡ୍ରେନ୍ ନିର୍ମାଣ ପାଇଁ ଅନେକ ଦିନ ହେଲା ଖୋଳି ଦିଆଯାଇଛି। କିନ୍ତୁ ନିର୍ମାଣରେ ବିଳମ୍ବ ଯୋଗୁ ଲୋକମାନେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଚାର ବାନ୍ଧୁଛନ୍ତି।


ଲୋକମାନେ ବିପଦପୂର୍ଣ୍ଣ ଭାବେ ପଟା ଉପରେ ଚାଲି ଘରକୁ ଯାଉଛନ୍ତି।

(ଫଟୋ: ସମୀର)

## ସଂକ୍ଷେପରେ

### ମେଗା ଆଇନ ସଚେତନତା ଶିବିରରେ ଉପେକ୍ଷା

## ବର୍ଜନ କଲା ଛତ୍ରପୁର ଓକିଲ ସଂଘ

**ଛତ୍ରପୁର,୧୫।୯(ଡି.ଏନ.ଏ.):** ଛତ୍ରପୁର ମିନି ଷ୍ଟାଡିୟମରେ ରବିବାର ଜିଲା ଆଇନ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ମିଳତ ଭାବେ ମେଗା ଆଇନ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଛତ୍ରପୁର ଓକିଲ ସଂଘକୁ ଉଦ୍ଦେଶ୍ୟମୂଳକ ଭାବେ ଉପେକ୍ଷା କରାଯାଇଥିବା ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ଫଳରେ ଏହି କାର୍ଯ୍ୟକ୍ରମକୁ ଛତ୍ରପୁର ଓକିଲ ସଂଘ ପକ୍ଷରୁ ବର୍ଜନ କରାଯାଇଥିଲା। ସଂଘ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି, କାର୍ଯ୍ୟକ୍ରମ ସମ୍ପର୍କରେ ଛତ୍ରପୁର ଓକିଲ ସଂଘକୁ କୌଣସି ଲିଖିତ ସୂଚନା ଠିକ୍ ସମୟରେ ଦିଆଯାଇ ନ ଥିଲା । ସଂଘ ସଭାପତିଙ୍କ ଅନୁରୋଧକୁ ଅବହେଳା କରି ସ୍ଥାନୀୟ ସର୍କିଟ ହାଉସ୍‌ରେ ହାଇକୋର୍ଟ ବିଚାରପତିଙ୍କୁ ଫୁଲତୋଡା ଦେବା ପାଇଁ ମନା କରାଯାଇଥିଲା । କାର୍ଯ୍ୟକ୍ରମର କ୍ରମାଗତ ପର୍ଯ୍ୟାୟ ସାରଣୀରେ ମଧ ସଂଘକୁ ଉପେକ୍ଷା ଏବଂ ଅବମାନନା ପ୍ରଦର୍ଶନ କରାଗଲା । ଏହା ଓକିଲ ସଂଘର ଆତ୍ମମର୍ଯ୍ୟାଦାକୁ କ୍ଷୁଣ୍ଣ ହେବା ଅନୁଭବ କରି ଓକିଲମାନେ ସଭାସ୍ଥଳ ପରିତ୍ୟାଗ କରିଥିଲେ । ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆଗାମୀ ଦିନରେ ଜରୁରିକାଳୀନ ବୈଠକ ଡକାଯାଇ ଜିଲା ପ୍ରାଧିକରଣ ସଂସ୍ଥା ସମ୍ପାଦକଙ୍କୁ ଜିଲା ଆଇନ ସେବା ସଂସ୍ଥା ତଥା ଛତ୍ରପୁର ତାଲୁକ୍ ଆଇନ ସେବା ସଂସ୍ଥାନ ଦ୍ୱାରା ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ଅସହଯୋଗ ପ୍ରଦାନ କରିବେ ବୋଲି ମତ ପ୍ରକାଶ ପାଇଥିଲା । ଉକ୍ତ ବିଷୟ ସମ୍ପର୍କରେ ଜିଲା ଜଜ୍ ଓ ରେଜିଷ୍ଟ୍ରାରଙ୍କୁ ମଧ ଅବଗତ କରାଯାଇଛି ।

ଛତ୍ରପୁର ଓକିଲ ସଂଘକୁ ଉପେକ୍ଷା ଓ ଆତ୍ମମର୍ଯ୍ୟାଦା କ୍ଷୁଣ୍ଣତାକୁ କୌଣସି କ୍ଷେତ୍ରରେ ବରଦାସ୍ତ କରିବେ ନାହିଁ ବୋଲି ସଂଘ ସଭାପତି କେ. ଶିବରାମ ରେଡ୍ଡୀ ଓ ସମ୍ପାଦକ ଏସ୍.ଶ୍ୟାମ କୁମାର ରାଓ ଗଣମାଧମକୁ ଜଣାଇଛନ୍ତି ।

## ଡିଆରଡିଏରେ ଜିମ୍ ଉଦ୍‌ଘାଟିତ

**ଛତ୍ରପୁର,୧୫।୯(ଡି.ଏନ.ଏ):** ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ପରିସରରେ ରବିବାର ଅପରାହ୍ନରେ ଫିଟନେସ୍ ଜିମ୍ ଉଦ୍‌ଘାଟିତ ହୋଇଯାଇଛି । ଡିଆରଡିଏ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଏହି ଜିମ୍ ପ୍ରତିଷ୍ଠା ହୋଇଛି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଉଦ୍‌ଘାଟନ କରିଥିଲେ । ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏପିଡି ରବି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

### ମେଗା ଆଇନ ସେବା ଓ ସଚେତନତା ଶିବିର

# ରାଜ୍ୟର ୩୬ ହଜାର ଲୋକ ପାଇଛନ୍ତି ସେବା

- ୫ ହଜାର ପାରା ଲିଗାଲ ସାମାଜିକ କର୍ମୀ କରୁଛନ୍ତି କାମ
- ଲୋକ ଅଦାଲତରେ ୫ ହଜାର ମାମଲା ଫଇସଲା
- ହିତାଧିକାରୀଙ୍କୁ ସହାୟତା ବଣ୍ଟନ

**ଛତ୍ରପୁର, ୧୫।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ରବିବାର ଛତ୍ରପୁର ମିନି ଷ୍ଟାଡିୟମରେ ମେଗା ଆଇନ ସେବା ଓ ସଚେତନତା ଶିବିର ଆୟୋଜନ ହୋଇଥିଲା । ଏଥିରେ ଅତିଥି ଭାବେ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ଯୋଗଦେଇ ଲୋକଙ୍କୁ କିଭଳି ଆଇନ ସେବା ମିଳିବ ଏବଂ ସମସ୍ତେ ସୁସ୍ଥ ଜୀବନଯାପନ କରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଦିବାସୀଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଜରୁରୀ ହୋଇପଡିଛି । ସେ ଆହୁରି କହିଥିଲେ, ରାଜ୍ୟରେ ଏଭଳି ୧୭ ଶିବିରର ଆୟୋଜନ ହୋଇସାରିଛି । ୩୬ ହଜାର ଲୋକଙ୍କୁ ସେମାନଙ୍କର ଅଧିକାର ଓ ସେବା ପ୍ରଦାନ କରାଯାଇଛି । ରାଜ୍ୟରେ ୫ ହଜାର ପାରା ଲିଗାଲ ସାମାଜିକକର୍ମୀ କାମ କରୁଛନ୍ତି । ପ୍ରି ଲିଟିଗେଶନ ଡେସ୍କ କାମ କରୁଛି । ସେଠାରେ ଟ୍ରେଣ୍ଡ୍ ମିଡିଏଟର ଅଛନ୍ତି । ଶନିବାର ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ୫ ହଜାର ମାମଲାର ଫଇସଲା କରାଯାଇଛି । ଡିସେମ୍ବର ୧୪ରେ ପୁଣି ଏହି ଅଦାଲତ ଅନୁଷ୍ଠିତ ହେବ । କିଭଳି ଏହାର ସଂଖ୍ୟା ବଢିବ ସେ ଉପରେ ବିଚାରପତି ପଣ୍ଡା ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ ଲିଟେରାସି କ୍ଲବ କାର୍ଯ୍ୟ କରୁଛି । ହାଇକୋର୍ଟର ଅନ୍ୟତମ ବିଚାରପତି ଡ. ଅକ୍ଷୟ କୁମାର ରଥ ତାଙ୍କ ବକ୍ତବ୍ୟରେ ରାଜ୍ୟର କେତେକ ଜେଲ୍, ହସ୍ପିଟାଲ, ସ୍କୁଲ ଓ କଲେଜରେ ଲିଗାଲ କ୍ଲିନିକ୍ ଚାଲିଥିବା ସୂଚନା ଦେଇଥିଲେ । ସମସ୍ତଙ୍କ ବଞ୍ଚିବା ହକ୍‌ଦାର ଏବଂ ଆପଣମାନେ ଏଥିରେ ସହଯୋଗ କରିବାକୁ ବିଚାରପତି ରଥ କହିଥିଲେ । ଦାରିଦ୍ର୍ୟ ଦୂରୀକରଣ ଓ ଆଦିବାସୀଙ୍କ ଅଧିକାର ସୁରକ୍ଷା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ନାୟକ କହିଥିଲେ, ମହିଳା, ଶିଶୁ, ମାନବ ଚାଲାଣ, କିନ୍ନର, ଶିଳ୍ପ ଦୁର୍ଘଟଣାଗ୍ରସ୍ତ, ବରିଷ୍ଠ ନାଗରିକ ଏବଂ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ବ୍ୟକ୍ତିଙ୍କୁ ନିଃଶୁଳ୍କ ଆଇନ ସହାୟତା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୋଗାଇ ଦିଆଯାଉଛି । ୧୫୧୬ ନିଃଶୁଳ୍କ ନମ୍ବରରେ ଫୋନ୍ କରି ଆଇନ ସହାୟତା ଲୋକେ ମାଗି ପାରିବେ ବୋଲି ସଚିବ ନାୟକ ସୂଚନା ଦେଇଥିଲେ । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ଲୋକେ କିପରି ସାମିଲ ହୋଇପାରିବେ ସେ ନେଇ ସଚେତନ କରିବାକୁ ଏଠାରେ ବିଭିନ୍ନ ବିଭାଗ ଷ୍ଟଲ ଖୋଲାଯାଇଥିବା କହିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ତାଙ୍କ ବକ୍ତବ୍ୟରେ ବିଭିନ୍ନ ସରକାରୀ ଯୋଜନା ଓ ନିୟମ ସମ୍ପର୍କରେ ଲୋକମାନଙ୍କଠାରେ ସୂଚନାର ଅଭାବ ରହୁଛି । ଏଣୁ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଥିବା କହିଥିଲେ । ଜିଲା ଜଜ୍ ବିଭୁ ପ୍ରସାଦ ରାଉତରାୟ ତାଙ୍କ ବକ୍ତବ୍ୟରେ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଛତ୍ରପୁର ଏଡିଜେ ଶିଖା ରାଣୀ ରଥ, ଗଞ୍ଜାମ ପରିବାର କୋର୍ଟ ବିଚାରପତି ପ୍ରଜ୍ଞା ପାଣିଗ୍ରାହୀ ଅତିଥିମାନଙ୍କୁ ମୋମେଣ୍ଟୋ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଉପାଧକ୍ଷା ସ୍ନେହଲତା ପଣ୍ଡା, ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଲିଗାଲ ସେବା କମିଟି ସଚିବ ବିଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଥିଲା ।



ସହାୟତା ବଣ୍ଟନ କରାଯାଉଛି ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବୁଗୁଡ଼ା,୧୫।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ସରକାରୀ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ ନେଇ ବୁଧବାରରୁ ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଚାଲିଥିଲା । ଶୁକ୍ରବାର ଅପରାହ୍ନରେ ଏହା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଗୁରୁବାର ଉକ୍ତ ଶିବିରକୁ ବ୍ଲକ ଶିକ୍ଷାଧିକାରୀ ରସାନନ୍ଦ କର ପରିଦର୍ଶନ କରିଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ସମ୍ମାନିତ ଅତିଥି କାଳୀ ଚରଣ ଦାଶ, ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା ପ୍ରମୁଖ ମହିଳାମାନଙ୍କ ଆତ୍ମ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଶିବିରରେ ପ୍ରଶିକ୍ଷକ ଭାବେ ମାନସୀ କୁମାରୀ ଦାଶ, ବାସବଦତ୍ତା ଦାଶ, ବୈଜୟନ୍ତୀ ମାଳା ପ୍ରଧାନ ଓ ମିତାରାଣୀ ସ୍ୱାଇଁ ପ୍ରମୁଖ ୧୭ ସରକାରୀ ହାଇସ୍କୁଲର ୬୮ ଜଣ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଶିବିରରେ ୧୭ ହାଇସ୍କୁଲର ୧୭ ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ ।

### ଫସଲ ସୁରକ୍ଷା ପାଇଁ ବେଆଇନ ହୁକିଂ

# ବିଦ୍ୟୁତ୍ ତାରରେ ଲାଗି ନାବାଳକ ମୃତ

**ଭଞ୍ଜନଗର,୧୫।୯(ଡି.ଏନ.ଏ)**

ଭଞ୍ଜନଗର ଥାନା ଅନ୍ତର୍ଗତ ଚୁନପଲ୍ଲୀରେ ଫସଲ ସୁରକ୍ଷା ପାଇଁ ଜମିରେ ବେଆଇନ ଭାବେ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ରବିବାର ସକାଳେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଚୁନପଲ୍ଲୀର ଶକ୍ତି ପ୍ରଶାୟତ (୧୭) । ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ଶକ୍ତିଙ୍କ ବାପା ପ୍ରମୋଦ ପ୍ରଶାୟତ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ବନ କର୍ମଚାରୀ ମଧ ଘଟଣାସ୍ଥଳରେ ପହଞ୍ଚି କିଭଳି ହୁକିଂ କରାଯାଇଥିଲା ତାହା ଅନୁଧ୍ୟାନ କରିଛନ୍ତି ।

ଚୁନପଲ୍ଲୀର ଜଣେ ଚାଷୀ ନିଜ ଫସଲ ସୁରକ୍ଷା ପାଇଁ ଜମିର ଚର୍ତୁପାର୍ଶ୍ୱରେ ବେଆଇନ ଭାବେ ବିଦ୍ୟୁତ ହୁକିଂ କରି ଜିଆଇ ତାର ଗୁଡ଼ାଇଥିଲେ । ରବିବାର ସକାଳେ ଶକ୍ତି ଉକ୍ତ ଜମି ନିକଟରେ ଥିବା ତାଙ୍କ ଜମିକୁ ଜଣେ ସାଙ୍ଗଙ୍କ ସହ ଯାଇଥିଲେ । ଏହି ସମୟରେ ଶକ୍ତି ଜମିରେ ପଡ଼ିଥିବା ବିଦ୍ୟୁତ୍ ତାରରେ ସଂସ୍ପର୍ଶରେ ଆସି ଯାଇଥିଲେ । ଏହା ଦେଖି ସାଙ୍ଗ ଜଣଙ୍କ ଦୌଡି ଆସି ଗାଁରେ କହିଥିଲେ । ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶକ୍ତିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।


ଶୋକାକୁଳ ଗ୍ରାମବାସୀ ।

## ବେଗୁନିଆପଡ଼ା ବ୍ଲକରେ ବାର୍‌ହା ଉପଦ୍ରବ

**ବେଗୁନିଆପଡ଼ା,୧୫।୯(ଡି.ଏନ.ଏ.)**

ବେଗୁନିଆପଡା ବ୍ଲକରେ ବର୍ତ୍ତମାନ ବାର୍‌ହା ଉପଦ୍ରବ ବୃଦ୍ଧି ପାଉଛି । ବ୍ଲକର ବୁରୁଝରି, କୁମ୍ଭାରଗାଁ ଓ ତାଳସର ପଞ୍ଚାୟତର ଆଖୁ ପଦରରେ କିଛିଦିନ ହେବ ବାର୍‌ହା ଉପଦ୍ରବ ଯୋଗୁ ଆଖୁଚାଷ ସହ ମକା ଚାଷ କ୍ଷତିଗ୍ରସ୍ତ ହୋଇଛି । ବାର୍‌ହାମାନେ ପ୍ରତ୍ୟେକ ରାତିରେ ଆସି ଆଖୁବାଡ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । କୁମ୍ଭାର ଗାଁ ପଞ୍ଚାୟତର ଭାଗବତ ସ୍ୱାଇଁଙ୍କ ତିନି ଏକର ଚାଷ ଜମି ନଷ୍ଟ କରିବା ପରେ କାଶୀନାଥ ସ୍ୱାଇଁଙ୍କ ୩ ଭରଣ, ଯୁଧିଷ୍ଠିର ସ୍ୱାଇଁଙ୍କ ତିନି ଭରଣ, ନାରାୟଣ ଜେନାଙ୍କ ୨ ଭରଣ, ଜିତେନ୍ଦ୍ର ସ୍ୱାଇଁଙ୍କ ୨ ଭରଣ ଆଖୁ ଦଳିମକଚି ନଷ୍ଟ କରିଦେଇଛନ୍ତି । ଧାରକରଜ କରି ଅଖୁଫସଲ କରିଥିବା ଚାଷୀ ବର୍ତ୍ତମାନ ଚିନ୍ତାରେ ବସିଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ଅନୁରୋଧ କରିଛନ୍ତି ।

## ସ୍କୁଲ ଆସିବାରେ ବିଳମ୍ବ : ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ଗୋପାଳପୁର,୧୫।୯**

ବିଦ୍ୟାଳୟକୁ ବିଳମ୍ବରେ ଆସିବା ନେଇ ଶନିବାର ରଙ୍ଗେଇଲୁଣ୍ଡା ବ୍ଲକ ପାର୍ବତୀପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଚୌଧୁରୀଙ୍କୁ ନିଲମ୍ବିତ କରାଯାଇଛି । ତାଙ୍କ ସ୍ଥାନରେ ବକ୍ସିପଲ୍ଲୀସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହରିକୃଷ୍ଣ ଶତପଥୀ ଯୋଗ ଦେଇଛନ୍ତି । ବ୍ରହ୍ମପୁରରୁ ପ୍ରାୟ ୧୦ କିମି ଦୂରରେ ଥିବା ଏହି ବିଦ୍ୟାଳୟକୁ ପ୍ରଧାନ ଶିକ୍ଷୟିତ୍ରୀ ଠିକ୍ ସମୟରେ ଆସୁନଥିବା ନେଇ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ରଙ୍କୁ ଖବର ଦିଆଯାଇଥିଲା । ଗତ ୧୨ ତାରିଖ ପୂର୍ବାହ୍ନ ୧୦ଟାରେ ଗୋଷ୍ଠୀ ଶିକ୍ଷାଧିକାରୀ ବିଦ୍ୟାଳୟରେ ପହଞ୍ଚିଲା ବେଳକୁ କୌଣସି ଶିକ୍ଷକ କିମ୍ବା ଛାତ୍ରୀଛାତ୍ରଙ୍କ ଦେଖା ମିଳିନଥିଲା । ଏହାର ୩୦ ମି. ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିଥିଲେ । ସେମାନଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀ ବିଳମ୍ବରେ ଆସୁଥିବାରୁ ଆମେ ବିଳମ୍ବରେ ଆସୁଛୁ ବୋଲି କହିଥିଲେ । ଏହାର ୧୫ ମି. ପରେ ବିନା ୟୁନିଫର୍ମରେ ଚୌଧୁରୀ ପହଞ୍ଚି ବିଦ୍ୟାଳୟ ଖୋଲିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ତଦନ୍ତ କରିବାରୁ ବିଦ୍ୟାଳୟରେ ପ୍ରାର୍ଥନା କରାଯାଉନି, ବ୍ଲାକ୍‌ବୋର୍ଡରେ କିଛି ଲେଖାଯାଉନି, ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ କୌଣସି ଧ୍ୟାନ ଦିଆଯାଉନ ଥିବା ଜଣାପଡ଼ିଥିଲା । ଏଥିପାଇଁ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଚିଠି ନଂ. ୧୯୨୭ ପ୍ରକାରେ ମହାପାତ୍ର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରି ତତ୍‌କ୍ଷଣାତ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏଥିସହ ଶତପଥିଙ୍କୁ ପାର୍ବତୀପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯୋଗଦାନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

# ଘରେ ପଡ଼ି ମୃତ୍ୟୁ, ଅପମୃତ୍ୟୁ ମାମଲା ରୁଜୁ

**ଭଞ୍ଜନଗର,୧୫।୯(ଡି.ଏନ.ଏ)**

ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦ୍ଧୁଲିର କାମରାଜୁ ଡାକୁଆ (୬୦) ଶନିବାର ରାତିରେ ଘରେ ପଡ଼ି ଯାଇଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲେ । ସେଠାରେ କାମରାଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ନଂ.୪୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସୁଦୀପ୍ତ ସାହୁ କହିଛନ୍ତି ।

# ଗଞ୍ଜାମରେ ବୁଲିଲା ୩ ବିକାଶ ରଥ

**ଛତ୍ରପୁର,୧୫।୯(ଡି.ଏନ.ଏ)**

ସରକାରଙ୍କ ୫–ଟି କାର୍ଯ୍ୟକ୍ରମକୁ ସଫଳ କରିବା ଓ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରିବା ପାଇଁ ବାହାରିଥିବା ବିକାଶ ରଥକୁ ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ୩ଟି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବ ବୋଲି ସୂଚନା ଦିଆଯାଇଥିଲା । ମୋ ସ୍ୱାଭିମାନ ସ୍ୱଚ୍ଛ ଗଞ୍ଜାମରେ ଘରେ ଘରେ ପାଇଖାନା ନିର୍ମାଣ ଓ ବାହାରେ ମଳତ୍ୟାଗ ନ କରିବା ସମ୍ପର୍କରେ ସଚେତନ କରିବ ଉକ୍ତ ରଥ । ଏଥିସହ ସରକାରଙ୍କ ଦଶସୂତ୍ରୀ କାର୍ଯ୍ୟକ୍ରମ, ମୋ ସରକାର, ଓଡିଶା ଜିବୀକା ମିଶନ, ଶକ୍ତି ଗାଁ ଯୋଜନା, ବିକାଶମୂଳକ କାର୍ଯ୍ୟ, ସ୍ୱଚ୍ଛ ଓଡିଶା, ପାନୀୟ ଜଳ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ । ଡିଆରଡିଏ ପିଡି ଇଂ ସିଦ୍ଧାନ୍ତ ଶଙ୍କର ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏପିଡି ରବି ନାରାୟଣ ତ୍ରିପାଠୀ ପ୍ରମୁଖ ବିକାଶ ରଥ ଶୁଭାରମ୍ଭ ବେଳେ ଉପସ୍ଥିତ ଥିଲେ ।

# ଆଇଆର୍‌ଇରେ ହିନ୍ଦୀ ଦିବସ

**ଛତ୍ରପୁର,୧୫।୯(ଡି.ଏନ.ଏ.)**

ଛତ୍ରପୁର ଉପକଣ୍ଠରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆରଇ) ପ୍ଲାଣ୍ଟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଆଇଆରଇର ମୁଖ୍ୟ ମହାପ୍ରବନ୍ଧକ ଏମ. ଜେ. ଜନାର୍ଦ୍ଦନନ ଅଧ୍ୟକ୍ଷତା କରିଥିଲେ । ଉପ ମହାପ୍ରବନ୍ଧକ (ମାନବ ସମ୍ବଳ ପ୍ରବନ୍ଧକ) ଗତିକୃଷ୍ଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥା(ନାଇଜର) ରେଜିଷ୍ଟ୍ରାର ଡା. ଅଭୟ କୁମାର ନାୟକ ଯୋଗଦେଇ ବୈଜ୍ଞାନିକ ଓ ସାହିତ୍ୟିକ କ୍ଷେତ୍ରରେ ହିନ୍ଦୀ ଭାଷାର ବ୍ୟବହାର ହେବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଜେ. ରାମଲକ୍ଷ୍ମୀ ଯୋଗଦେଇ ଆଇଆରଇ ପକ୍ଷରୁ ହିନ୍ଦୀ ଭାଷାର ଉନ୍ନତି ଉପରେ ଆଲୋକପାତ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀଙ୍କ ସନ୍ଦେଶକୁ ପ୍ରବନ୍ଧକ କୃଷ୍ଣଚନ୍ଦ୍ର ସାହୁ, ପରମାଣୁ ଉର୍ଜା ବିଭାଗର ଅଧକ୍ଷଙ୍କ ସନ୍ଦେଶକୁ ଅଧିକାରୀ (ଅର୍ଥ) ରବି ପ୍ରକାଶ ଝା ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶ୍ୱେତା ସିହ୍ନା, ରଞ୍ଜିତ କୁମାର ପଣ୍ଡା, ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହର୍ଷ ଗୁପ୍ତା ଧନ୍ୟବାଦ ଦେଇଥିଲେ ।


ଉପସ୍ଥିତ ଅତିଥି ।

# ୨ ଗୁଣା ଅଧିକ ସଭ୍ୟ ସଂଗ୍ରହ କରିବ ବିଜେଡି

- ଭଞ୍ଜନଗର ନିର୍ବାଚନମଣ୍ଡଳୀ
- ରାଜ୍ୟର ବିକାଶ ପାଇଁ ସରକାର ତତ୍ପର

**ଭଞ୍ଜନଗର/ ଜଗନ୍ନାଥପ୍ରସାଦ, ୧୫।୯(ଡି.ଏନ.ଏ)**

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବିଜେଡିର ସଭ୍ୟ ସଂଗ୍ରହ ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହୋଇଛି । ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାକୁ ଫେରିବାରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଆଗାମୀ ନିର୍ବାଚନକୁ ଦେଖି ବର୍ତ୍ତମାନଠୁ ସଭ୍ୟ ସଂଗ୍ରହ କରିବାକୁ ପଡ଼ିବ । ପୂର୍ବ ଅପେକ୍ଷା ଅଧିକ ଦୁଇ ଗୁଣା ସଭ୍ୟ ସଂଗ୍ରହ ହେବ । ସଭ୍ୟମାନଙ୍କ ଆଧାରକାର୍ଡ଼ ଯୋଡ଼ାଯିବ । ପ୍ରତ୍ୟେକ ୱାର୍ଡ଼ରେ ୪ଜଣ ସକ୍ରିୟ କର୍ମୀ ରହିବେ । ଏନ୍‌ଏସିର କାଉନସିଲ ପିଛା ୫ଜଣ ସକ୍ରିୟ ସଭ୍ୟ ରହିବେ । ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସଭ୍ୟ ସଂଗ୍ରହ ପ୍ରକ୍ରିୟା ଚାଲିବ । ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକବଙ୍ଗଳା ଆମ୍ବ ତୋଟା ପରିସରରେ ରବିବାର ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇ ବକ୍ତାମାନେ ଏହା କହିଛନ୍ତି । ଆୟୋଜିତ ସଭାରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ଯୋଗଦେଇ ନିଜ ନିର୍ବାଚନମଣ୍ଡଳୀରେ କିଭଳି ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ହୋଇପାରିବ ତାହା କହିଥିଲେ । ପ୍ରତ୍ୟେକ ମାସର ନିର୍ଦ୍ଦିଷ୍ଟ ଏକ ରବିବାର ବ୍ଲକର ଏକ ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ଶିବିର କିମ୍ସ ପକ୍ଷରୁ ଆୟୋଜିତ ହେଉଛି । ଆଗାମୀ ଦିନରେ ଏହି ପ୍ରକ୍ରିୟା ଚାଲିବ । ବେକାରୀ ସମସ୍ୟା ଦୂର ପାଇଁ ଆତ୍ମନିଯୁକ୍ତି ମେଳା ହେବ ବୋଲି ଏମ୍‌ପି ସୂଚନା ଦେଇଥିଲେ । ଆଳି ବିଧାୟକ ପ୍ରତାପ ଦେବ କହିଥିଲେ, ନୂଆ ଯୋଜନାରେ ସଭ୍ୟ ସଂଗ୍ରହ ହେଉଛି । ରାଜ୍ୟ ସରକାର ବିକାଶ ପାଇଁ ପୂର୍ବ ଅପେକ୍ଷା ଅଧିକ ତତ୍ପର ହୋଇଥିବା କହିଥିଲେ । ବିଜେଡ଼ି ଗଣମାଧ୍ୟମ ପ୍ରବକ୍ତା ଭରଦ୍ୱାଜ ମିଶ୍ର, ବ୍ଲକ ଅଧକ୍ଷା ବିନ ଦଳବେହେରା, ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ରାଜା ସାହୁ, ବ୍ଲକ ବିଜେଡ଼ି ମହିଳା ସଭାନେତ୍ରୀ ଶୈଳବାଳା ବିଷୋୟୀ, ନଗର ସଭାନେତ୍ରୀ ସୁଜ୍ଞାନୀ ଗୌଡ଼, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ପୂର୍ବତନ ଏନଏସି ଅଧକ୍ଷ ସୁଧୀର ବେହେରା, ଯୁବ ବିଜେଡ଼ି ଉପସଭାପତି ଡ଼ି.ରାଜୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଭ୍ୟ ସଂଗ୍ରହ କିଭଳି ହେବ ସେ ସମ୍ପର୍କରେ କହିଥିଲେ । ଏମ୍‌ପି ପ୍ରତିନିଧି ଦିବାକର ନାୟକ ସଭାକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ମନ୍ତ୍ରୀ ଆରୁଖ ଓ ଏମପି ସାମନ୍ତ ଜଗନ୍ନାଥପ୍ରସାଦ ବ୍ଲକ ଅଳସୁ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ପରେ ଜଗନ୍ନାଥପ୍ରସାଦ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଏକ କର୍ମୀ ସମାବେଶ ହୋଇଥିଲା । ଉକ୍ତ ସଭାକୁ ଏମପି ପ୍ରତିନିଧି ବିପ୍ର ବାରିକ ସଂଯୋଜନା କରିଥିଲେ । ବ୍ଲକ ବିଜେଡ଼ି ସଭାପତି ମୋହନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମନ୍ତ୍ରୀ, ଏମପି ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ଜିଲା ପରିଷଦ ସଭ୍ୟ ବରୁଣ ବେହେରା, ରାଜେନ୍ଦ୍ର ସ୍ୱାଇଁ, ଉପ ସଭାପତି ପ୍ରଭାକର ବେହେରା, ସମ୍ପାଦକ ସୁଶାନ୍ତ ପ୍ରଧାନ, ସହ ସମ୍ପାଦକ ଜଗନ୍ନାଥ ନାୟକ, ଶ୍ରୀକାନ୍ତ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।


ମନ୍ତ୍ରୀ, ଏମ୍‌ପିଙ୍କୁ କର୍ମୀମାନେ ସ୍ୱାଗତ କରୁଛନ୍ତି ।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

ଫିରିଙ୍ଗିଆ, ୧୫।୯: ଗୋଚ୍ଛାପଡା ଥାନା ପୋଲିସ ରବିବାର ଗୋଚ୍ଛାପଡା ଗ୍ରାମର ୨ ଜଣଙ୍କ ଘରେ ଚଢ଼ାଉ କରି ଦେଶୀ ମଦ ଜବତ କରିଛି । ମଦ କାରବାର ଅଭିଯୋଗରେ ଗୌତମ ବିନ୍ଧାଣୀ ଓ ଗୋପାଳ ବିନ୍ଧାଣୀଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ପାଖରୁ ୧୦ ଲିଟର ଲେଖାଏ ମଦ ଜବତ ହୋଇଛି। ଏ ନେଇ ଥାନାରେ ପୃଥକ (ନଂ.୫୬ ଓ ୫୭/୧୯) ମାମଲା ରୁଜୁ ହୋଇଛି ।

### କଣ୍ଟାପୀଢ଼ା ଯାତ୍ରାରେ ମାନସିକ ବେଶଧାରୀ



ସୋରଡା,୧୫।୯(ଡି.ଏନ.ଏ.): ଗଞ୍ଜାମ ପ୍ରସିଦ୍ଧ ମା' କନ୍ଧୁଣୀ ଦେବୀଙ୍କ କଣ୍ଟାପୀଢା ଯାତ୍ରା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଥିବା ବେଳେ ବଡଦାଣ୍ଡଠାରେ ୬୦ ଫୁଟ ଉଚ୍ଚ ତୋରଣ ଶୋଭାପାଉଛି। ରାଜ୍ୟର ବିଭିନ୍ନ ଜିଲାରୁ ବ୍ୟବସାୟୀମାନେ ଆସି ବଡଦାଣ୍ଡରେ ବ୍ୟବସାୟ ପସରା ଖୋଲି ସାରିଲେଣି। ଇଷ୍ଟର୍ଣ୍ଣ ଅପେରା ଦଳ ରବିବାର ଆସି ପହଞ୍ଚିଛନ୍ତି। ଏଠାରେ ମାନସିକଧାରୀମାନେ ବିଭିନ୍ନ ବେଶରେ ନଗର ପରିକ୍ରମା କରୁଛନ୍ତି । ହନୁମାନ, ରାମଲକ୍ଷ୍ମଣ, ପିଲାଖାଇ ଡାହାଣୀ ବେଶ ବାହାରିଛି । ୧୮ରୁ ୨୨ କନ୍ଧୁଣୀ ଦେବୀ ମହୋତ୍ସବ ରଥପଦା ଅସ୍ଥାୟୀ ମଣ୍ଡପଠାରେ ଅନୁଷ୍ଠିତ ହେବ । ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଉପସଭାପତି କୈଳାସ ପଣ୍ଡା, କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ, ସମ୍ପାଦକ ଦୁର୍ଗାଚରଣ ଶତପଥୀ ପ୍ରମୁଖ ଆୟୋଜନ ଓ ପରିଚାଳନା କରିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାତ୍ରପୁର,୧୫।୯(ଡି.ଏନ୍.ଏ.): ଜରଡ଼ା ଥାନା ପାତ୍ରପୁର ସପଙ୍ଗ ମଧରାସ୍ତାରେ ଥିବା ଏକ ଗଛରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ପୁରୁଷୋତ୍ତମପୁର ମାଧବ ଦୋରା (୩୦)। ସନ୍ଧ୍ୟାରେ କେତେଜଣ ଚାଷୀ ବିଲକୁ ଗଲାବେଳେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଜଣାଇଥିଲେ। ଜରଡ଼ା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଛି । ମୃତକ ଜଣକ କିଛି ଦିନ ହେଲା ପାତ୍ରପୁରରେ ଥିବା ନିଜ ଭଉଣୀଙ୍କ ଘରେ ରହୁଥିଲେ ବୋଲି ଜଣାପଡ଼ିଛି।

### ମଦ ଜବତ, ଜଣେ ଅଟକ

ପାତ୍ରପୁର,୧୫।୯(ଡି.ଏନ୍.ଏ.): ଜରଡ଼ା ଥାନା ପୋଲିସ ପକ୍ଷରୁ ରବିବାର ଆମ୍ବପୁର ପଞ୍ଚାୟତର ଚଢ଼େଇଗାଁ ନିକଟ ଜଙ୍ଗଲରେ ବିପୁଳ ମଦ, ପୋଚ ସହ ମଦ ତିଆରି ସରାମ ଜବତ କରାଯାଇଛି । ଏହି ମାମଲାରେ ପୋଲିସ ଜଣକୁ ଅଟକ ରଖି ପଚାରାଉଚାରା କରୁଛି । କୌଣସି ସୁତ୍ରରୁ ଖବର ପାଇ ଜରଡ଼ା ପୋଲିସ ସଦଳବଳ ଅପରାହ୍ନରେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ସେଠାରେ ୨ହଜାରରୁ ଊର୍ଦ୍ଧ୍ୱ ଲିଟର ପୋଚ ନଷ୍ଟ କରାଯିବା ସହିତ ୧୪୦ ଲିଟର ମଦ ଓ ମଦ ତିଆରି ସରାମ ଜବତ ହୋଇଛି। ଏଥିରେ ଜରଡ଼ା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ସହ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ ।

## ■ ଲୋକାଲ ଫଣ୍ଡ ଅଡିଟ ରିପୋର୍ଟ

# କ.ନୂଆଗାଁ ବ୍ଲକରେ ଅର୍ଥ ହେର୍‌ଫେର୍

■ଭିଜିଲାନ୍ସରେ ମାମଲା
■କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ

ଫୁଲବାଣୀ ଅଫିସ, ୧୫।୯

କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକରେ ୭୫ଲକ୍ଷ ଟଙ୍କାର ଦୁର୍ନୀତିକୁ ଏବେ ସବୁ କ୍ଷେତ୍ରରେ ଚପାଇ ଦିଆଯାଇଛି । ଯେଉଁମାନେ ଟଙ୍କା ହଡପ କରିଥିଲେ ସେମାନଙ୍କ ପାଖରୁ ଅଦ୍ୟାବଧି ଏହା ଆଦାୟ କରାଯାଇ ପାରୁନାହିଁ । ପୁଣି ସେହିପରି କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଞ୍ଚାୟତରେ ଏହି ଦୁର୍ନୀତି ହୋଇଥିବା ଲୋକାଲ ଫଣ୍ଡ ଅଡିଟ ରିପୋର୍ଟ ପ୍ରକାଶ ପାଇଛି। ଫୁଲବାଣୀ ଭିଜିଲାନ୍ସ ବିଭାଗ ଏହି ରିପୋର୍ଟ ଆଧାରରେ ମାମଲାର ତଦନ୍ତ କରୁଛି । ହେଲେ ଭିଜିଲାନ୍ସର କାର୍ଯ୍ୟକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲିଗୁଡା ଭଳି ପରିସ୍ଥିତି ଏଠାରେ ମଧ ଉପୁଜିବା ସମ୍ଭାବନା ରହିଛି। ଟଙ୍କା ନେଇଥିବା ବ୍ୟକ୍ତି ଏହାକୁ ପରିଶୋଧ କରିବେ ନାହିଁ। ଭିଜିଲାନ୍ସ ଅଧିକାରୀ ଏବଂ ଅର୍ଥ ହଡପକାରୀଙ୍କ ମଧ୍ୟରେ ସଲାସୁତରା ହୋଇଥିବା ଆଲୋଚନା ଜୋର ଧରିଛି।

୨୦୧୭-୧୮ ଆର୍ଥିକ ବର୍ଷରେ ଚତୁର୍ଥ ରାଜ୍ୟ ଅର୍ଥ କମିସନ ଏବଂ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଟଙ୍କା ହଡ଼ପ କରାଯାଇଛି । ଟଙ୍କା ହେରଫେରରେ ସେତବେଳର ଯନ୍ତ୍ରୀ, ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀ ସାମିଲ ରହିଛନ୍ତି। ସରକାର ଗ୍ରାମାଞ୍ଚଳରେ ଯୋଜନାର କାର୍ଯ୍ୟ କାରିତା ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଟଙ୍କା ସିଧା ସଳଖ ପଞ୍ଚାୟତ ଆକାଉଣ୍ଟକୁ ଯାଉଛି । ହେଲେ ଏଠାରେ ଅର୍ଥ ବିନା କାମରେ ହଡପ କରାଯାଉଛି ।

ସୁଚନା ଅନୁସାରେ, ୨୦୧୭ ଫେବୃୟାରୀ ୧୩ରେ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥକମିଶନ ଟଙ୍କାକୁ ବିନା କାର୍ଯ୍ୟାଦେଶରେ ଏନ୍‌ଇଏଫଟି/ଆରଟିଜିଏସ୍ ମାଧ୍ୟମରେ ଚେକ୍ ନଂ.୦୦୧୫୫୧ରେ ୫ ଜଣଙ୍କ ଖାତାକୁ ୯ଲକ୍ଷ ୩୦ ହଜାର ଏବଂ ଚେକ୍ ନଂ ୦୦୧୫୫୨ରେ ମାର୍ଚ୍ଚ ୩ ରେ ୪ଜଣଙ୍କ ଖାତାକୁ ୫ଲକ୍ଷ ୫୯ହଜାର ଟଙ୍କା ପଠାଯାଇଛି। ସରୋଜ ମଲ୍ଲିକଙ୍କ ଏଡ଼ିବି ଖାତା ନଂ. ୧୧୮୨୦୧୬୩୯୫୬କୁ ଦୁଇ ଥରରେ ୧ ଲକ୍ଷ ୮୫ ହଜାର ଓ ୬୫ ହଜାର, ରଜନୀକାନ୍ତ ସାହୁଙ୍କ ଏଡ଼ିବି ଖାତା ନଂ. ୧୧୮୨୦୯୮୩୧୪୪କୁ ୫ଲକ୍ଷ ୧୨ ହଜାର ଓ ୪୦ ହଜାର, କାଳାରାମ ବିସିମାଝିଙ୍କ ଖାତା ନଂ. ୧୧୮୨୦୯୯୮୯୧୩କୁ ୩୮ହଜାର, ବାବୁ ମଲ୍ଲିକଙ୍କ ଏଡ଼ିବି ଖାତା ନଂ. ୩୨୦୭୨୮୪୦୯୯୩କୁ ୨୫ ହଜାର, ଅନସୂୟା ପାତ୍ରଙ୍କ ଏଡ଼ିବି ଖାତା ନଂ. ୩୧୦୪୮୧୮୪୦୩୮କୁ ୧ଲକ୍ଷ ୭୦ ହଜାର ଓ ୫୫ ହଜାର ୯ଶହ ଟଙ୍କା, ପଞ୍ଚାନନ କହଁରଙ୍କ ଖାତା ନଂ. ୧୧୬୩୧୯୮୮୬୪୫କୁ ୩ ଲକ୍ଷ ୯୮ ହଜାର ୧୦୦ ଟଙ୍କା ଯାଇଛି । ଯାହାର କୌଣସି ହିସାବ କି କେଉଁ ପ୍ରକଳ୍ପ ପାଇଁ ଏହି ଟଙ୍କା ଖର୍ଚ୍ଚ ହୋଇଛି ତାହା ପଞ୍ଚାୟତ କ୍ୟାସ୍‌ବୁକରେ ଦର୍ଶାଯାଇନାହିଁ । ଏହି ଅର୍ଥ ହଡପ୍ ହୋଇଥିବା ଲୋକାଲ ଫଣ୍ଡ ଅଡ଼ିଟ ରିପୋର୍ଟରେ ଦର୍ଶାଯାଇଛି।

ସେହିପରି ୨୦୧୭-୧୮ରେ ସାଧାରଣ ବଣ୍ଟନ ଓ ବାର୍ଦ୍ଧକ୍ୟ ଭତ୍ତାର ଅଗ୍ରୀମ ୧ ଲକ୍ଷ ୯୪ ହଜାର ୯୫୪ ଟଙ୍କା ୫ ଜଣ ନିର୍ବାହୀ ଅଧିକାରୀ ନେଇଥିଲେ। ପର୍ଯ୍ୟାୟ କ୍ରମେ ସେମାନଙ୍କ ବଦଳି ହୋଇଛି। ହେଲେ ସେମାନେ ପଞ୍ଚାୟତ କିମ୍ବା ବ୍ଲକକୁ ଏହାର ହିସାବ ଦେଇ ନାହାନ୍ତି। ଏହି ଟଙ୍କା ଆତ୍ମସାତ ହୋଇଥିବା ଅଡ଼ିଟ ରିପୋର୍ଟରେ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଭିଜିଲାନ୍ସ ନିଜ ତରଫରୁ ମାମଲା କରିଥିବା ଅଡିଟ ସୁପରିଣ୍ଟେଣ୍ଡେଣ୍ଟ ଜନାର୍ଦ୍ଦନ ତ୍ରିପାଠୀ ପ୍ରକାଶ କରିଛନ୍ତି। ଭିଜିଲାନ୍ସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଛି। ଏ ନେଇ ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନାଙ୍କୁ ପଚାରିବାରୁ ତଦନ୍ତ କେଉଁ ଯାଏ ଯାଇଛି ତାହା ମୁଁ ବୁଝିଲା ପରେ କହିବି ବୋଲି କହିଛନ୍ତି ।

## ନୂତନ ପୋଲ ନିର୍ମାଣ, ରାସ୍ତା ମରାମତି ଦାବି



ଭାଙ୍ଗି ଯାଇଥିବା ପୋଲ ।

ଫିରିଙ୍ଗିଆ, ୧୫।୯

ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ଏକ ନାଳ ଉପରେ ଥିବା ପୋଲ ଗତ ଲଗାଣ ବର୍ଷାରେ ନଷ୍ଟ ହୋଇଛି । ସେହିପରି ପାଣି ମାଡରେ ରାସ୍ତା ଧୋଇଯାଇଛି । ଫଳରେ ଏହି ପୋଲ ଦେଇ ଯାତାୟାତ କରୁଥିବା ୬ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ଏବେ ଉକ୍ତ ବିପଦସଙ୍କୁଳ ପୋଲ ଉପରେ ଚାରି ଚକିଆ ଗାଡି ଯାଇ ପାରୁନାହିଁ। କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ଗ୍ରାମକୁ ଯାଇ ନ ପାରି ପୋଲ ଆରମ୍ଭ ପୂର୍ବରୁ ରାସ୍ତା ଉପରେ ରହିବ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ନୂତନ ପୋଲ ସହ ରାସ୍ତା ମରାମତି କରିବାକୁ ଦାବି ହେଉଛି। ଲଗାଣ ବର୍ଷାରେ ମାଣ୍ଡିଆପଦର ରାସ୍ତାର ଏକ ନାଳ ଉପରେ ଥିବା ଏହି ପୁରୁଣା ପୋଲ ଦବି ଯିବାରୁ ତାହାର ମଧଭାଗ ଏବଂ ପାର୍ଶ୍ୱ ଭାଙ୍ଗିଛି । ବନ୍ଧଗଡ ପଞ୍ଚାୟତର ତେଜାମାହା, ତିରାମାହା, ପାଣ୍ଡୁପଦର, କଇଁଝର, ମାଣ୍ଡିଆପଦର, ଚଡିଆପାଲି ଗ୍ରାମର ଲୋକେ ଏବେ ଉକ୍ତ ଭଙ୍ଗା ପୋଲ ଉପର ଦେଇ ଯିବାକୁ ନିରାପଦ ମଣୁନାହାନ୍ତି। ସରପଞ୍ଚ ଦମୟନ୍ତୀ କହଁର କହିଛନ୍ତି, ପୋଲ ଭାଙ୍ଗିବା ଘଟଣାକୁ ମାସେ ଦେଢ଼ ମାସ ହେବ । ଆଗରୁ ରାସ୍ତା କାମ ନିମ୍ନମାନର ହୋଇଥିଲା । ବିଡିଓଙ୍କୁ ଜଣାଇଥିଲୁ। ହେଲେ ଏ ଯାଏ କାମ ହୋଇନାହିଁ ।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବୈଠକ



ବୈଠକରେ ଉପସ୍ଥିତ ମିଳିତ ନାଗରିକ କମିଟିର ସଦସ୍ୟ ଓ କର୍ମକର୍ତ୍ତା।

ଦାରିଙ୍ଗବାଡ଼ି,୧୫।୯(ଡି.ଏନ.ଏ)

କନ୍ଧମାଳ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଦାରିଙ୍ଗବାଡ଼ି ଜାଗୃତି ସଭାଗୃହଠାରେ ରବିବାର ଅପରାହ୍ନରେ ନାଗରିକ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକ ତଥା ବ୍ୟବସାୟୀ ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମିଳିତ ନାଗରିକ କମିଟି(କନ୍ଧମାଳ)ର ଆବାହକ ଅଶୋକ କୁମାର ପରିଡ଼ା ଯୋଗଦେଇଥିଲେ । ପ୍ରଥମେ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଥିଲା। ସେଥିରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ୭ଜଣଙ୍କୁ ଚୟନ କରାଯାଇଥିଲା । ଜନଜାତି ଅଧ୍ୟୁଷିତ ଜିଲାରେ ସ୍ୱାସ୍ଥ୍ୟସେବା ଠିକ ଭାବେ ମିଳୁ ନ ଥିବାରୁ ଅଞ୍ଚଳବାସୀଙ୍କୁ ବ୍ରହ୍ମପୁର, କଟକ, ଭୁବନେଶ୍ୱର ଏବଂ ବୁର୍ଲା ମେଡିକାଲକୁ ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡୁଛି। ଜିଲାବାସୀଙ୍କୁ ନିରନ୍ତର ଓ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ କନ୍ଧମାଳରେ ମେଡିକାଲ କଲେଜର ଆବଶ୍ୟକ। ଏହାଦ୍ୱାରା ଅଞ୍ଚଳର ଛାତ୍ରୀଛାତ୍ର ମଧ ଉପକୃତ ହୋଇପାରିବେ ବୋଲି କୁହାଯାଇଥିଲା । ଏଥିପାଇଁ ଆସନ୍ତା ୨୧ ତାରିଖରେ ସମସ୍ତ ବ୍ଲକରେ ଶାନ୍ତି ଶୋଭାଯାତ୍ରା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ବିଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସରକାରଙ୍କୁ ମାତ୍ର ୭ଦିନ ଦିଆଯିବ ଏବଂ ପରେ ମେଡିକାଲ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଜିଲାର ସମସ୍ତ ସମ୍ପ୍ରଦାୟର ଲୋକ ମିଳିତ ଆନ୍ଦୋଳନ କରିବାକୁ ସ୍ଥିର ହୋଇଛି । ଆସନ୍ତା ୧୮ ତାରିଖ ସନ୍ଧ୍ୟାରେ ଏଥିପାଇଁ ଚୂଡାନ୍ତ ନିଷ୍ପତି ଗ୍ରହଣ କରାଯିବ ବୋଲି ମିଳିତ ନାଗରିକ କମିଟିର ଆବାହକ ପରିଡ଼ା ସୂଚନା ଦେଇଥିଲେ। ବୈଠକରେ ଆଇନଜୀବୀ ହରେନ କୁମାର ସାହୁ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ପତିତପାବନ ରାଉତ, ନିରଞ୍ଜନ ସାହୁ, ଗ୍ରୀନବାଡ଼ି ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ପତ୍ରା, ସିଆରସିସି ଶ୍ୟାମସୁନ୍ଦର ଦିଗାଳ, ଶିକ୍ଷକ ରମାକାନ୍ତ ସିଂ, ବିଜୟ କୁମାର ସାହୁ ସରୋଜ ସାହୁ, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶିବ ସେଠୀ ପ୍ରମୁଖ ଯୋଗଦେଇଥିଲେ । ସାହିତ୍ୟ ଏକାଡେମୀ ସଦସ୍ୟ ବିଦେଶୀ ନାୟକ ଧନ୍ୟବାଦ ଦେଇଥିଲେ ।

## ବାଇକ୍ ଧକ୍କାରେ ୨ ନାବାଳକ ଛାତ୍ର ଆହତ

ଶଙ୍କରାଖୋଲ, ୧୫।୯(ଡି.ଏନ୍.ଏ)

ଚକାପାଦ ବ୍ଲକ ଆରବକା ପଞ୍ଚାୟତର କାବାଲାଗାଁରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ହଷ୍ଟେଲର ୨ ଛାତ୍ର ଶନିବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଆହତ ହୋଇଛନ୍ତି। ସେମାନେ ହେଲେ ସପ୍ତମ ଶ୍ରେଣୀର ଦୀପ୍ତିରାଜ କହଁର, ପଞ୍ଚମ ଶ୍ରେଣୀର ସୁବ୍ରଜିତ ମଲିକ। ଉଭୟଙ୍କୁ ଟିକାବାଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରି ହଷ୍ଟେଲକୁ ଅଣାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ନାୟକ କହିଛନ୍ତି। ପ୍ରକାଶ ଯେ, ଛାତ୍ର ୨ ଜଣ ଖେଳିସାରି ସନ୍ଧ୍ୟାରେ ଫୁଲବାଣୀ-ବ୍ରହ୍ମପୁର ୧୫୭ ନଂ. ଜାତୀୟ ରାଜପଥରେ ଆସୁଥିବା ବେଳେ ବାଇକ୍ ଧକ୍କା ଦେବାରୁ ସେମାନେ ଆହତ ହୋଇଥିଲେ। ଦୀପ୍ତିରାଜଙ୍କ ଗୋଡ଼ ଓ ସୁବ୍ରଜିତଙ୍କ ଛାତିରେ ଆଘାତ ଲାଗିଛି । ହଷ୍ଟେଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ ଛାତ୍ର ରହୁଛନ୍ତି। ପ୍ରତିଦିନ ଛାତ୍ରମାନେ ବିପଦପୂର୍ଣ୍ଣ ଭାବେ ଜାତୀୟ ରାଜପଥ ପାର ହେଉଛନ୍ତି। ଛାତ୍ରମାନେ ରାସ୍ତା ପାରି ହେବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ କିମ୍ବା ଶିକ୍ଷକମାନେ ତଥା ହଷ୍ଟେଲର ପରିସରରେ ରହୁଥିବା ସିସିମାନେ ସହଯୋଗ କରୁନଥିବା ନେଇ ଅଭିଭାବକ, ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ମନ୍ଦିରର ପରିଚାଳନା କମିଟି ଗଠିତ

ଖଜୁରିପଡ଼ା,୧୫।୯(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ଅଧୀନ ବଲସକୁମ୍ପାରେ ଥିବା ମା' ବରାଳଦେବୀ ପୀଠ ପର୍ଯ୍ୟଟନସ୍ଥଳୀ ମନ୍ଦିର ପରିଚାଳନା କମିଟି ଦୀର୍ଘ ୧୦ ବର୍ଷ ପରେ ନୂତନ ଭାବେ ଗଠନ ହୋଇଥିଲା। ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ବୁଧବାର ୩ ମୁଠାର ବୁଦ୍ଧିଜୀବୀମାନଙ୍କ ଉପସ୍ଥିତି ଓ ତହସିଲଦାର ତଥା ଅତିରିକ୍ତ ଖଜୁରିପଡ଼ା ବ୍ଲକ ବିଡିଓ ମନୋଜ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି। କମିଟିର ନୂତନ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଉପସଭାପତି ଗୌତମ ପ୍ରଧାନ, ସମ୍ପାଦକ ସଞ୍ଜୟ କହଁର, ସହସମ୍ପାଦକ ଜନ୍ମେଶ୍ୱର କହଁର, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ କହଁର, କମିଟିର ଅଧ୍ୟକ୍ଷ ଶୁଭଦେବ ଯାନୀ, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଶପଥ ଗ୍ରହଣ କରିଛନ୍ତି । ପରେ ମନ୍ଦିର ପ୍ରାଙ୍ଗଣରେ ସଭାପତିଙ୍କ ଅଧ୍ୟକ୍ଷତାରେ ସଭା ବସିଥିଲା। ଏଥିରେ ଦୁର୍ଗାପୂଜା ସହ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ମା'ଙ୍କ ପୂଜା କମିଟି ସଦସ୍ୟ, ମୁଖ୍ୟ ପୂଜାରୀ, ସହଯୋଗୀ ପୂଜାରୀ ସମେତ ୩ ମୁଠାର ଆଦିବାସୀ ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



ଉପସ୍ଥିତ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା।

## ଅଟୋ ଧକ୍କାରେ ବ୍ୟବସାୟୀ ଗୁରୁତର

ଦିଗପହଣ୍ଡି,୧୫।୯(ଡି.ଏନ.ଏ.)

ଦିଗପହଣ୍ଡି-ଆସିକା ମୁଖ୍ୟ ରାସ୍ତାରେ ଥିବା ସ୍ଥାନୀୟ ଅଞ୍ଚଳେଶ୍ୱରୀ ମନ୍ଦିର ତଥା ଗୁରୁକୁଳ ବିଦ୍ୟାଳୟ ସମ୍ମୁଖରେ ଏକ ଡାଲା ଅଟୋ ଧକ୍କାରେ ରବିବାର ଜଣେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ ବିହାର ପ୍ରଦେଶ ମୁଜାଫର ଜିଲା କଟରା ଥାନା ଅନ୍ତର୍ଗତ କଟାଇ ଗ୍ରାମର ଲଲିତ ଶାହା। ଲଲିତ ଓ ତାଙ୍କ ଭାଇ ପ୍ରାୟ ୧ମାସ ହେବ ଦିଗପହଣ୍ଡି ଆସି ସ୍ଥାନୀୟ ପୁଞ୍ଜୀକୟା ଛକ ନିକଟରେ ଏକ ଘର ଭଡ଼ା ନେଇ ଜିଲାପି ମିଠା ବ୍ୟବସାୟ କରୁଥିଲେ। ସକାଳ ପ୍ରାୟ ୬ ଟାରେ ଲଲିତ ଓ ଜଣେ ସାଙ୍ଗ ମିଶି ପୋଖରୀକୁ ଗାଧୋଇବା ପାଇଁ ଯିବା ବେଳେ ଡାଲା ଅଟୋ ଲଲିତଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଯୁବକ ଲଲିତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ଗ୍ରାମର ମଙ୍ଗଳ ପାଇଁ ଠାକୁରାଣୀଙ୍କ ପୂଜାର୍ଚ୍ଚନା

ବୁଗୁଡ଼ା,୧୫।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଲିଆ ଗ୍ରାମର ଗ୍ରାମଦେବତୀ ବ୍ରାହ୍ମଣୀ ଦେବୀ ଠାକୁରାଣୀଙ୍କଠାରେ ଗାଁର ମଙ୍ଗଳ କାମନା କରି ଶନିବାର ଗ୍ରାମବାସୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଛି । ଗ୍ରାମରେ ଉତ୍ତମ ରୂପେ ଶସ୍ୟ ଅମଳ, ପ୍ରାଣୀମାନଙ୍କ ଆରୋଗ୍ୟ କାମନା କରି ପୁରୋହିତମାନଙ୍କ ଦ୍ୱାରା ଠାକୁରାଣୀ ପୀଠରେ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉମା ତନୟ ହୋତା, ଗୋଦାବରୀଶ ହୋତା, ବିଭୂତି ହୋତା, ଶଶାଙ୍କ ହୋତା ଓ ଷଷ୍ଠୀ ପ୍ରସାଦ ହୋତା ପ୍ରମୁଖ ବ୍ରାହ୍ମଣମାନଙ୍କ ଏହି ପୂଜା କରିଥିଲେ। ଭକ୍ତମାନେ ଠାକୁରାଣୀଙ୍କ ପବିତ୍ର ଧ୍ୱଜାଧାରଣ କରି ବାଦ୍ୟବାଜଣା ସହ ମନ୍ତ୍ର ଉଚ୍ଚାରଣ ପୂର୍ବକ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମବାସୀମାନେ ନିଜର ଦ୍ୱାରଦେଶରେ ପୂର୍ଣ୍ଣକୁମ୍ଭ, ଧୂପ, ଦୀପ ବାଢ଼ି ମା' ଠାକୁରାଣୀଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ।



## ଟାଙ୍କିରେ ପେଟ୍ରୋଲ ନ ଥିବାରୁ ଲୋକେ ହଇରାଣ

ଦାରିଙ୍ଗବାଡ଼ି,୧୫।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଥିବା ଟାଙ୍କିରେ ପେଟ୍ରୋଲ ନାହିଁ । ଫଳରେ ବଜାରରେ ଏବେ ଅସାଧୁ ବ୍ୟବସାୟୀମାନେ ଲିଟରେ ପିଚ୍ଛା ୧ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ପ୍ରଶାସନର କୌଣସି ନିଘା ନାହିଁ । ଦାରିଙ୍ଗବାଡ଼ିଠାରେ ଏକମାତ୍ର ପେଟ୍ରୋଲ ଓ ଡିଜେଲ ଟାଙ୍କି । ଏହା ଉପରେ ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତର ହଜାର ଗାଡ଼ି ମାଲିକ ନିର୍ଭର କରୁଥିବା ବେଳେ ଦାରିଙ୍ଗବାଡ଼ି ଅଞ୍ଚଳକୁ ବାହାରୁ ଆସୁଥିବା ଯାନବାହାନ ମଧ୍ୟ ତେଲ ପକାଇଥାନ୍ତି। ତେବେ ଏହି ଟାଙ୍କିରେ ଅନେକ ସମୟରେ ପେଟ୍ରୋଲ ରହୁ ନ ଥିବା ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଥି ସହିତ ତେଲ ଟାଙ୍କିରେ ପେଟ୍ରୋଲ ନଥିବା ବେଳେ ଦାରିଙ୍ଗବାଡ଼ି ବଜାରରେ କିଛି ଅସାଧୁ ବ୍ୟବସାୟୀ ଗ୍ରାହକମାନଙ୍କୁ ଲୁଟୁଥିବା ଦେଖିବାକୁ ମିଳିଛି। ଟାଙ୍କିରେ ପେଟ୍ରୋଲ ଲିଟର ପିଛା ମୂଲ୍ୟ ୭୩ ଟଙ୍କା ରହିଛି । ହେଲେ ଅସାଧୁ ବ୍ୟବସାୟୀ ମାନେ ଲିଟର ପିଛା ଗ୍ରାହକମାନଙ୍କଠାରୁ ୨୨ରୁ ୨୭ ଟଙ୍କା ପର୍ଯ୍ୟନ୍ତ ଅଧିକା ନେଉଥିବା କିଛି ଲୋକ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯେତେବେଳେ ଟାଙ୍କିରେ ପେଟ୍ରୋଲ ଷ୍ଟକ ରହୁନି, ସମୟରେ ଦାରିଙ୍ଗବାଡ଼ି ଖୋଲା ବଜାରକୁ ପେଟ୍ରୋଲ କେଉଁଆଡୁ ଆସୁଛି। ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ସିମନବାଡ଼ି ଏବଂ ଦାରିଙ୍ଗବାଡ଼ି ଠାରେ ଗ୍ୟାସ ଡିପୋ ଥାଇ ମଧ ଲୋକଙ୍କୁ ଠିକ ସମୟରେ ରନ୍ଧନ ଗ୍ୟାସ ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା କହିଛନ୍ତି, ଗ୍ୟାସ ଠିକ ଭାବେ ଷ୍ଟକ ରହୁ ନ ନ ଥିବା ଜାଣିଛି। କେଉଁ କାରଣରୁ ଟାଙ୍କିରେ ପେଟ୍ରୋଲ ନାହିଁ ସେ ସମ୍ପର୍କରେ ସୋମବାର ତଦନ୍ତ କରାଯିବ ବୋଲି କହିଛନ୍ତି ।



ଦାରିଙ୍ଗବାଡ଼ି ଠାରେ ଥିବା ପେଟ୍ରୋଲ ଟାଙ୍କି।

## ନିଜ ଭାଷାକୁ ନେଇ ଗର୍ବ କଲେ ସାହିତ୍ୟ ବଞ୍ଚିବ

ଭଞ୍ଜନଗର,୧୫।୯(ଡି.ଏନ.ଏ)

ଆଗାମୀ ପିଢ଼ୀ ଉପରେ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ନିର୍ଭର କରେ। ତେଣୁ ନିଜ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଯୁବପିଢ଼ୀଙ୍କୁ ସଚେତନ କରିବାକୁ ପଡ଼ିବ। ବିଭିନ୍ନ ସାହିତ୍ୟ ସଭାରେ ସେମାନଙ୍କ ଉପସ୍ଥିତି ଅଧିକ ରଖିବାକୁ ହେବ। ନିଜ ଭାଷାକୁ ନେଇ ସର୍ବଦା ଗର୍ବିତ ହେଲେ ସାହିତ୍ୟ ବଞ୍ଚିବ। ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ଉଜ୍ଜଳ। ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ଓଡ଼ିଆ ଭାଷା ସାହିତ୍ୟ ଆନ୍ଦୋଳନ ଉପରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଏପରି ମତ ପ୍ରକାଶ ପାଇଛି।ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ନିର୍ଦ୍ଦେଶକ ତଥା ବିଶିଷ୍ଟ ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀ ଯୋଗଦେଇ ଏହି ମତ ରଖିଥିଲେ । ଏହି ଅବସରରେ ବିଶିଷ୍ଟ ପଣ୍ଡିତ ଶ୍ରୀଧର ଶତପଥୀଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଥିଲା । କବିସମ୍ରାଟ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସଭାରେ ସୁରେଶ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସମ୍ପାଦକ ମନ୍ମଥ କୁମାର ଶତପଥୀ ମୁଖ୍ୟବକ୍ତା, ସାହିତ୍ୟିକ ସୁରେନ୍ଦ୍ର କୁମାର ଶତପଥୀ, ବଳରାମ ସ୍ୱାଇଁ, ଗୁରୁମୂର୍ତ୍ତି ନାୟକ, ବାଳକୃଷ୍ଣ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ନେତାଜୀ ବିଷୋୟୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅବସରପ୍ରାପ୍ତ ରେଞ୍ଜର ତଥା ସାହିତ୍ୟିକ ସରୋଜ କୁମାର ନନ୍ଦଙ୍କୁ ପଣ୍ଡିତ ଶ୍ରୀଧର ଶତପଥୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ୱର୍ଣ୍ଣେନ୍ଦୁ ଶେଖର ପଣ୍ଡା, ଚିନ୍ମୟ କୁମାର ବେବର୍ତ୍ତା,ଜଗଦିଶ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ମୁଖ୍ୟ ଅତିଥି ହୃଷୀକେଶ ପାଣିଗ୍ରାହୀ ସରୋଜ ନନ୍ଦଙ୍କୁ ସମ୍ମାନିତ କରୁଛନ୍ତି ।

## ସଂକ୍ଷେପରେ

### ମୃତକଙ୍କ ପରିବାରଙ୍କୁ ମିଳିଲା ବୀମାରାଶି

ଦାରିଙ୍ଗବାଡ଼ି,୧୫।୯(ଡି.ଏନ.ଏ): ବାଲିଗୁଡ଼ା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ଦ୍ୱାରା ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କୁ ୨୦ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି। ଏହାକୁ ଶାଖାର ମୁଖ୍ୟ ପରିଚାଳକ ଦେବାଶିଷ ପରିଡ଼ା ମୃତ ସନ୍ତୋଷ କୁମାର ଦାସଙ୍କ ଉତ୍ତରାଧିକାରୀ ତଥା ସ୍ତ୍ରୀ ମୋହିନୀଙ୍କୁ ପ୍ରଦାନ କରିଛନ୍ତି। ସନ୍ତୋଷ ବାଲିଗୁଡା ପ୍ରାଣୀଧନ ଚିକିତ୍ସାଳୟରେ କାର୍ଯ୍ୟକରୁଥିବାବେଳେ ଫିରିଙ୍ଗିଆଠାରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ବାଲିଗୁଡ଼ା ବ୍ୟାଙ୍କରେ ୧ହଜାର ଟଙ୍କାର ଏକ ବୀମା କରାଇଥିଲେ। ମୃତକଙ୍କ ନିଜ ଜିଲା ବାଲେଶ୍ୱର ବୋଲି ଶାଖା ପକ୍ଷରୁ କୁହାଯାଇଛି।

### ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ଧରାକୋଟ, ୧୫।୯ (ଡି.ଏନ.ଏ.)- ଧରାକୋଟସ୍ଥିତ ମଝିସାହି ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଚିତ୍ତ ବିନୋଦନ କେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟି ସଭାପତି ସୁରେନ୍ଦ୍ର ନାଥ ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପି. ସଂଯୋଗ ପାତ୍ର ଉପସ୍ଥିତ ଥିଲେ । ପୂଜା କମିଟିର ସମସ୍ତ ସକ୍ରିୟ ସଭ୍ୟ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନଠାରୁ ପୂଜାକୁ ଆନୁଷ୍ଠାନିକ ଭାବେ ସୁପରିଚାଳନା କରିବା, ମେଢ଼ର ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଗୋପାଳ ହରି ଗୌଡ଼, ପପୁ ନାୟକ, ମହେନ୍ଦ୍ର ମହାନ୍ତି, ପ୍ରକାଶ ନାୟକ, ରଜନୀ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

### ପ୍ରାଣୀ ଚିକିତ୍ସା ଶିବିର



ବୁଗୁଡ଼ା,୧୫।୯(ଡି.ଏନ.ଏ.):ବୁଗୁଡ଼ା ବ୍ଲକ ଅରଖପୁରରେ ଶନିବାର ବନ ବିଭାଗ ପକ୍ଷରୁ ମାଗଣା ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ ଅଧକ୍ଷତା କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ବେହେରା, ଏଲ୍‌ଆଇ କୁନା ସେଠୀ, ଅରୁଣ କୁମାର ବିଷୋୟୀ ଓ ପବିତ୍ର ନାୟକ ପ୍ରମୁଖ ପ୍ରାଣୀ ବିଭାଗ କର୍ମଚାରୀମାନେ ଶିବିରରେ ଯୋଗଦେଇ ୫୦୦ ପ୍ରାଣୀଙ୍କ ଚିକିତ୍ସା କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଏଥିସହ ଫାଟୁଆ ରୋଗର ନିରାକରଣ ପାଇଁ ମଧ ଇଞ୍ଜେକସନ୍ ଦିଆଯାଇଥିଲା। ଶିବିରରେ ବୁଗୁଡ଼ା ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବନରକ୍ଷୀ କ୍ଷୀରୋଦ ଚନ୍ଦ୍ର ଗୌଡ଼, ଶିବରାମ ପାତ୍ର, ପ୍ରଶାନ୍ତ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

### ପୁଷ୍ଟିକର ଦିବସ ପାଳିତ

ବୁଗୁଡ଼ା,୧୫।୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଗୋଲିଆ ଅଙ୍ଗନୱାଡ଼ି କେନ୍ଦ୍ର-୨ରେ ଗୁରୁବାର ପୁଷ୍ଟିକର ଦିବସ ପାଳିତ ହୋଇଯାଇଛି । ଅଙ୍ଗନୱାଡ଼ି କର୍ମୀ ଗୋଲାପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦିନୀ ସ୍ୱାଇଁ, ବନିତା ଖଟାଇ, ରତ୍ନମାଳା ଦାଶ, ଗୀତାଞ୍ଜଳି ବାଡ଼ତ୍ୟା ଓ ଏ. ଲକ୍ଷ୍ମୀବାଇ ଦୋରା ପ୍ରମୁଖ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ପୁଷ୍ଟିକର ଦିବସ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିବା ସହ ଏହାର ଉପଯୋଗ କରିବାକୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରସୂତି ଓ ଗର୍ଭବତୀ ମହିଳାଙ୍କ ସହ କିଶୋରୀ ବାଳିକାମାନେ ମଧ ଉପସ୍ଥିତ ଥିଲେ ।

### ଚାରାରୋପଣ କାର୍ଯ୍ୟକ୍ରମ

ଗୋପାଳପୁର,୧୫।୯: ଗୋଲନ୍ଥରା ଥାନା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଲନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ଓ ଅନ୍ୟ ପୋଲିସ ଅଧିକାରୀ ଥାନା ପରିସରରେ ୩୦ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏଥିରେ ଦିଗପହଣ୍ଡି ଥାନାଧିକାରୀ ବସନ୍ତ ସେଠୀ, ଏସ୍‌ଆଇ ସ୍ମିତା ଜେନା, ଜୟନାଥ ପ୍ରଧାନ, ପ୍ରକାଶ ଦାସ, ସୀମାଞ୍ଚଳ ମିଶ୍ର, ହାବିଲଦାର ବିଶ୍ୱରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ଦାସ ଓ ପ୍ରଭାକର ପାତ୍ର, ଅନ୍ୟ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

■ ରଥସାହିରୁ ଅମୁଣିଆକୁ ସ୍ଥାନାନ୍ତର

# ଅଙ୍ଗନୱାଡି କେନ୍ଦ୍ରରୁ ମୁହଁ ଫେରାଇଲେ ଶିଶୁ

ପୁରୁଷୋତ୍ତମପୁର, ୧୫।୯ (ଡି.ଏନ.ଏ.)

ସରକାର ଶିଶୁଙ୍କ ବିକାଶ ଲାଗି ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ସାଙ୍ଗକୁ ଶିକ୍ଷାଦାନର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରରେ ନିଜସ୍ୱ ଗୃହ ନଥିବା ସହ ଏହା ଦୂରକୁ ସ୍ଥାନାନ୍ତର କରାଯିବାକୁ ନେଇ ଶିଶୁ ଓ ଅଭିଭାବକ ମାନେ ମୁହଁ ଫେରାଇଛନ୍ତି। ଏହା ଦେଖିବାକୁ ମିଳିଛି ପୁରୁଷୋତ୍ତମପୁର ଏନ୍‌ଏସିର ୱାର୍ଡ ନଂ. ୯ ରଥସାହିରେ। ଏଠାର ଶିଶୁମାନେ ୮ ଦିନ ହେଲା ଅଙ୍ଗନୱାଡି କେନ୍ଦ୍ରକୁ ଯାଉନାହାନ୍ତି। ଏ ନେଇ ଅଭିଭାବକ ଓ ଗ୍ରାମବାସୀ ଶୁକ୍ରବାର ସିଡିପିଓଙ୍କ କାର୍ଯ୍ୟାଳୟକୁ ଯାଇ ଦାୟିତ୍ୱରେ ଥିବା ସୁପରଭାଇଜର କଲ୍ୟାଣୀ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହ ଗଞ୍ଜାମ ଜିଲାପାଳ, ଛତ୍ରପୁର ଉପଜିଲାପାଳ, ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ମଧ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପ୍ରକାରେ, ପୂର୍ବରୁ ଅଙ୍ଗନୱାଡି କେନ୍ଦ୍ର ରଥସାହିରେ ଥିଲା। କିନ୍ତୁ ଗତ ୬ ତାରିଖରେ ଏହାକୁ ଅମୁଣିଆ ସାହିକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଦୂରକୁ



ସୁପରଭାଇଜରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଯିବାରେ ଶିଶୁମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ରଥସାହି ଓ ଧୋବା

**ଅଭିଭାବକଙ୍କ ପକ୍ଷରୁ ସ୍ମାରକପତ୍ର ପ୍ରଦାନ**

ସାହି ମେନ୍‌ରୋଡ ଅତି ବିପଦଜନକ, ସଙ୍କୀର୍ଣ୍ଣ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ସିଡିପିଓ ସବିତା ଚ୍ୟାଉପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କର୍ମୀ ନିଜ ଘରେ ଅଙ୍ଗନୱାଡି କେନ୍ଦ୍ର ନ କରି ସ୍କୁଲ ଘରେ କିମ୍ବା ଅଙ୍ଗନୱାଡି କେନ୍ଦ୍ରରେ ହିଁ କରାଯିବାର ନିର୍ଦ୍ଦେଶ ରହିଛି। ମାତ୍ର ରଥସାହିରେ ନିଜସ୍ୱ ଘର ନ ଥିବାରୁ କର୍ମୀ ନିଜ ଘରେ ଅଙ୍ଗନୱାଡ଼ି କେନ୍ଦ୍ର ଚଳାଉଥିଲେ। ଏହାକୁ ଧୋବା ସାହି ପ୍ରାଥମିକ ବିଦ୍ୟାଳୟର ଏକ ଖାଲି ଥିବା ଘରେ ଚଳାଇବା ଲାଗି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି କରି ଅନୁରୋଧ କରିବା ସତ୍ତ୍ୱେ ସେ ଦେଲେ ନାହିଁ। ତେଣୁ ଏହାକୁ ଅମୁଣିଆ ସାହି ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନାନ୍ତରିତ କରାଗଲା। କିନ୍ତୁ ଦୂର ହେଉଥିବାରୁ ଏଠାକୁ କୌଣସି ଶିଶୁ ଆସୁନାହାନ୍ତି। ଏହାର ତଦନ୍ତ କରି ଜିଲା ପ୍ରଶାସନକୁ ଜଣାଇବି ଏବଂ ତାଙ୍କ କହିବା ପ୍ରକାରେ କାର୍ଯ୍ୟ କରାଯିବ ବୋଲି ସିଡିପିଓ କହିଛନ୍ତି।

## ଆଞ୍ଚଳିକ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା

ଜଗନ୍ନାଥପ୍ରସାଦ,୧୫।୯(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଡ. ଶିରିଷ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଅଧାପକ ଡ.ଜୟଦେବ ଗୌଡ ଓ ଅଧାପକ ମହେଶ ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଧାପିକା ଆରତୀ ମହାପାତ୍ର ଓ ସୀମାଞ୍ଚଳ ପଣ୍ଡା ଯୋଗଦେଇଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଛାତ୍ର ଦୀପକ କୁମାର ବେହେରା ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଛାତ୍ରୀ ତୁଳସୀ ସେନାପତି। ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ନୃତ୍ୟ, ଗୀତ ଓ ଅଭିନୟର ପ୍ରତିଭା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଲୋକନାଥ ମହାନ୍ତି ସଂଯୋଜନା କରିଥିଲେ ଓ କମ୍ପ୍ୟୁଟର ପରିଚାଳକ ସରୋଜ କୁମାର ନାୟକଙ୍କ ସହ ଛାତ୍ର ନିରଞ୍ଜନ ଆରୁଖ, ଗୋପାଳ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କନିଷି,୧୫।୯(ଡି.ଏନ.ଏ.)

ଡୁରାସ୍ଥିତ ନ୍ୟାଶନାଲ ହାଇସ୍କୁଲଠାରେ ୩ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୧୪ ବିଦ୍ୟାଳୟର ୭୦ ଜଣ ଛାତ୍ରୀ ଯୋଗ ଦେଇ ନିଜର କୌଶଳ ଉପସ୍ଥାପନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କରିଥିଲେ। ଗୀତାଞ୍ଜଳି ପଣ୍ଡା, ଜ୍ୟୋତିର୍ମୟୀ ପଟ୍ଟନାୟକ, ମମତା ପଟ୍ଟନାୟକ, ଚନ୍ଦ୍ରକଳେଶ୍ୱର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବି. ଏରେୟା ରେଡ୍ଡୀ ଧନ୍ୟବାଦ ଦେଇଥିଲେ ।

## ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୫।୯(ଡି.ଏନ.ଏ.)

ଦିଗପହଣ୍ଡି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସବ ଡିଭିଜନ ଉପ ନିର୍ବାହୀ ଯନ୍ତ୍ରୀ ବାବୁଲି ଚାନ୍ଦ ଗୌଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀ ଓ ଠିକାଦାରମାନେ ଦିଗପହଣ୍ଡି ସହରର ବିଭିନ୍ନ ସ୍ଥାନ ବୁଲି ରାସ୍ତା କଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଜରି ଆଦିକୁ ଏକତ୍ରିତ କରିଥିଲେ। ସଂଗୃହୀତ ପ୍ଲାଷ୍ଟିକ ପଦାର୍ଥଗୁଡିକୁ ଭୁବନେଶ୍ୱର ପଠାଇ ସେଠାରେ ଏହାକୁ ରିସାଇକ୍ଲିଂ କରାଯାଇ ଏଥିରୁ ପିଚୁ ବାହାର କରାଯିବ ବୋଲି ଉପ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମ



ପୂର୍ତ୍ତ ବିଭାଗ କର୍ମଚାରୀ ଓ ଠିକାଦାର ବୃନ୍ଦ।

ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପହାନ ଓ ଶେରଗଡ଼ ସହକାରୀ ଯନ୍ତ୍ରୀ ବନୋଜ ସେଠୀ, ସ୍ୱତନ୍ତ୍ର ଠିକାଦାର ସରୋଜ ପାତ୍ର, ଗଦାଧର ସ୍ୱାଇଁ, କର୍ମଚାରୀ ପ୍ରସନ୍ନ ଜେନା, କୃଷ୍ଣଚନ୍ଦ୍ର ପଣ୍ଡା, ରମାକାନ୍ତ ଗୌଡ, ଲକ୍ଷ୍ମୀ ନାରାୟଣ ଷଡ଼ଙ୍ଗୀ, କାଳୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ଉପକରଣ ମେଳା

ଦିଗପହଣ୍ଡି, ୧୫।୯ (ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନଙ୍ଗପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଶନିବାର କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋକର୍ଣ୍ଣପୁର ସରପଞ୍ଚ ମିନତୀ କୁମାରୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ ସମ୍ମାନିତ ଅତିଥି ଥିଲେ। ଗୋଷ୍ଠୀ ସାଧନ କର୍ମୀ ବାସୁଦେବ ବେହେରାଙ୍କ ସଂଯୋଜନାରେ କ୍ଲଷ୍ଟର ଅଧିନ ୧୩ ବିଦ୍ୟାଳୟର ୧୪ ଶିକ୍ଷୟିତ୍ରୀ ଶିକ୍ଷକ ଓ ୧୮ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଗଣିତ, ଭୂଗୋଳ, ଇଂଲିଶ, ବିଜ୍ଞାନ, ଭାଷାଜ୍ଞାନ ସମ୍ପର୍କିତ ୧୧୨ ଶିକ୍ଷଣ ଉପକରଣ ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷୟିତ୍ରୀ ସରିତା ନନ୍ଦ, ଶିକ୍ଷକ ରାଜେନ୍ଦ୍ର କୁମାର ଗୌଡ, ସୁଦାମ ବେହେରା, ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ମୂଲ୍ୟାୟନ କରିଥିଲେ। ଶ୍ରେଷ୍ଠ ଶିକ୍ଷଣୀୟ ଉପକରଣ ଗୁଡିକୁ ଉପସ୍ଥାପନ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## କୃଷକ ସଭାର ତହସିଲଦାରଙ୍କୁ ସ୍ମାରକପତ୍ର



ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଗଞ୍ଜାମ,୧୫।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କୃଷକ ସଭା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଅପରାହ୍ନରେ ତହସିଲଦାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । କଂସାରିଗଣ୍ଡରେ ବ୍ୟାରେଜ ନିର୍ମାଣ କରି ଜଳସେଚନ କରିବା ପାଇଁ କୃଷକ ସଭା ମୁଖ୍ୟ ପ୍ରସଙ୍ଗ କରିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି । ଶ୍ରାବଣାରେ ହେବାକୁ ଥିବା ମେଗା ଜଳ ପ୍ରକଳ୍ପ ଦ୍ୱାରା ସମସ୍ତ ଗ୍ରାମକୁ ପିଇବା ପାଣି ଯୋଗାଇବା ଏବଂ ଜିଲାପାଳଙ୍କ ଚିଠି ନଂ. ୪୭୩୪୫ ସେପ୍ଟେମ୍ବର ୧୨ରେ ଘରପଟ୍ଟା ଓ ଜମିପଟ୍ଟା ଯୋଗାଇ ଦେବା ପାଇଁ ଚିଠି ଆସିଥିଲେ ମଧ କାହିଁକି କାର୍ଯ୍ୟକାରୀ କରାଯାଉନି ବୋଲି କୃଷକ ସଭା ପ୍ରଶ୍ନ କରିଛି । ବ୍ଲକରେ ବର୍ଷାର ଅନିୟମିତତା ଓ ସ୍ୱଳ୍ପ ବୃଷ୍ଟି ଯୋଗୁ ଅଧିକାଂଶ ଚାଷଜମିକୁ ପାଣି ମିଳୁନାହିଁ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି । କଂସାରୀ ଗଣ୍ଡରେ ବ୍ୟାରେଜ ନିର୍ମାଣ ହେଲେ ବ୍ଲକର ୧୫ ପଞ୍ଚାୟତର ୧୧୫ ଖଣ୍ଡ ଗ୍ରାମର ପ୍ରାୟ ୧୨ ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ। ତେଣୁ ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯାଉ ବୋଲି ସଭା ପକ୍ଷରୁ ଦାବି ହୋଇଛି। କୃଷକ ସଭା ଜିଲା ସମ୍ପାଦକ ପି. ହରେକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଖଲି ସ୍ୱାଇଁ, ଗୋବର୍ଦ୍ଧନ ନାହାକ, କୃଷ୍ଣ ଗୌଡ଼, ପଦ୍ମନାଭ ପ୍ରଧାନ, ଝଡ଼ିଆ ପ୍ରଧାନ, ଧର୍ମରାଜ ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ତହସିଲ କାର୍ଯ୍ୟାଳୟ

## ସଚେତନତା ସାଇକେଲ୍ ରାଲି

ଆସିକା,୧୫।୯(ଡି.ଏନ୍.ଏ.)

ଆସିକା ସୁଗାର୍ ଟାଉନ୍ ଜେସିସ୍ ପକ୍ଷରୁ ଜେସିସ୍ ସପ୍ତାହ ପାଳନ ଅବସରରେ ଶନିବାର ସହରରେ ଏକ ସଚେତନତା ସାଇକେଲ୍ ରାଲି ଅନୁଷ୍ଠିତ ହୋଇଥିଲା। ଆସିକା ବସ୍‌ଷ୍ଟାଣ୍ଡରୁ ବାହାରି ଲକ୍ଷ୍ମୀବଜାର, ବିନାୟକ ବଜାର, ଅଶୋକା ସିନେମା ରୋଡ, ହାଟପଦା, ଖମ୍ବେଶ୍ୱରୀପାଟଣା ହୋଇ ପୁଣି ବସଷ୍ଟାଣ୍ଡରେ ଏହି ରାଲି ପହଞ୍ଚିଥିଲା। ଆସିକା ଭାରପ୍ରାପ୍ତ ତହସିଲଦାର୍ ଆଶୁତୋଷ ଗୌରବ କର ରାଲିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବର୍ଷା ଜଳର ସଂରକ୍ଷଣ ଓ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଠନ ସମ୍ପର୍କରେ ଜେସିସ୍‌ର ସଦସ୍ୟମାନେ ସଚେତନ କରିଥିଲେ। ସମ୍ପ୍ରତି ଜଳସ୍ତର ଯେପରି ହ୍ରାସ ପାଇବାରେ ଲାଗିଛି ଏଥିରୁ ଉଦ୍ଧାର ପାଇବାକୁ ହେଲେ ଜଳ ସଂରକ୍ଷଣ ପ୍ରତି ଅଧିକ ଧ୍ୟାନ ଦେବା ଓ ବର୍ଷାଜଳର ସଦୁପଯୋଗ ଏକାନ୍ତ ଜରୁରୀ ବୋଲି କୁହାଯାଇଥିଲା। ସେହିଭଳି ପ୍ଲାଷ୍ଟିକ୍ ଭଳି ଭୟାନକ ପଦାର୍ଥର ବ୍ୟବହାର ପରିବେଶ ଉପରେ କୁ ପ୍ରଭାବ ସୃଷ୍ଟି ସହ ମାନବ ସମାଜ ଓ ଜୀବଜଗତ ପ୍ରତି ଅହେତୁକ ବିପଦ ସୃଷ୍ଟି କରୁଥିବାରୁ ଏଭଳି ପଦାର୍ଥ ବର୍ଜନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ସନ୍ତୋଷ କୁମାର ପାତ୍ର, କିରଣ ପାଢୀ, ବଦ୍ରିନାଥ ପାତ୍ର, ଉମେଶ ପାତ୍ର, ଅନିଲ୍ କୁମାର ପୃଷ୍ଟି, ସିଦ୍ଧାର୍ଥ ସୁବୁଦ୍ଧିଙ୍କ ସମେତ ବହୁ ସଦସ୍ୟ ସାମିଲ୍ ଥିଲେ।

## ବିଦ୍ୟାଳୟକୁ ଡେସ୍କ ବେଞ୍ଚ ପ୍ରଦାନ

ଶେରଗଡ,୧୫।୯(ଡି.ଏନ୍.ଏ.)

ଠୁରୁବୁରାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତଳେ ବସିବାକୁ ନାଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ, ବିଇଓ ଭାସ୍କର ଲେଙ୍କା, ଏବିଇଓ ଲକ୍ଷ୍ମୀନାରାୟଣ କର, ସମାଜିକକର୍ମୀ ଉଜ୍ଜ୍ୱଳ ଲେଙ୍କା, ବଳରାମ ସେଠୀ, ସରଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ନୋଡାଲ ଅଧିକାରୀ ନବୀନ ଚନ୍ଦ୍ର ପାଢୀ, ସିଆରସିସି ବିଜୟ କୁମାର ଦାସ ଓ ଦେବବ୍ରତ ପଟ୍ଟନାୟକ ପରିଚାଳନାରେ ଉକ୍ତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର



**ତଳେ ବସିବାକୁ ନାଁ**

ଏଣିକି ତଳେ ବସିବେ ନାହିଁ। ମୋ ସ୍କୁଲ ଅଭିଯାନ ମାଧ୍ୟମରେ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ୩୦ରୁ ଉର୍ଦ୍ଧ୍ୱ ବେଞ୍ଚ ଡେସ୍କ ପ୍ରଦାନ କରାଯାଇଥିଲା।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା



ମୁଖ୍ୟଅତିଥି ଶିକ୍ଷଣ ସାମଗ୍ରୀ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ହାତୀଓଟ,୧୫।୯

ପୋଲସରା ବ୍ଲକ ଧୋୟାକଣା ଗ୍ରାମ ପ୍ରକଳ୍ପ ସ୍କୁଲରେ ହାତୀଓଟ କ୍ଲଷ୍ଟର ପକ୍ଷରୁ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ବ୍ଲକର ଏବିଇଓ ବ୍ରହ୍ମାନନ୍ଦ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟରରୁ ୧୪ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ମେଳାରେ ପ୍ରଦର୍ଶନୀ କରିଥିଲେ। ଏବିଇଓ ରଥ ପରିଦର୍ଶନ କରିବା ସହ ଶିକ୍ଷକମାନଙ୍କୁ ଉକ୍ତ ବିଷୟରେ ପଚାରି ବୁଝିଥିଲେ। ୧୪ ସ୍କୁଲରୁ ୭ ସ୍କୁଲ ତଥା ହାତୀଓଟ ପ୍ରାଇମେରୀ, ବାଲିଛାଇ ନୂଆ ଅପର ପ୍ରାଇମେରୀ, ରୁମାଗଡ଼ ଅପର ପ୍ରାଇମେରୀ, ନୋଡ଼ାଲ ହାଇସ୍କୁଲ ଭାଟଖାଲି, ଚନ୍ଦ୍ରମା ଦେଇପୁର ପ୍ରାଇମେରି, ଜେମାଦେଇପୁର ଅପର ପ୍ରାଇମେରୀ ସ୍କୁଲ ସହ ଖପରାଗଣ୍ଡା ପ୍ରାଇମେରୀ ସ୍କୁଲକୁ ଆସନ୍ତା ୨୧ ତାରିଖରେ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ପାଇଁ ମନୋନୀତ କରାଯାଇଛି। ସଂଯୋଜକ ଭାବେ ସିଆର୍‌ସିସି ଜଗନ୍ନାଥ ପଣ୍ଡା କାର୍ଯ୍ୟ ତୁଲାଇଥିବା ବେଳେ ସମ୍ମାନିତ ଅତିଥି ଆୟାକଣା ସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ନାୟକ ଅଂଶଗ୍ରହ କରିଥିଲେ ।

## ଚକ୍ଷୁ ଚିକିତ୍ସା ଶିବିର

କନିଷି,୧୫।୯(ଡି.ଏନ.ଏ.)

କୋଠାରସିଙ୍ଗି ଗ୍ରାମପଞ୍ଚାୟତରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ କୋଠାରସିଙ୍ଗି ସରପଞ୍ଚ ଏନ. ସୁଜାତା ରେଡ୍ଡୀ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୫୩ ଜଣ ରୋଗୀ ପଞ୍ଜୀକୃତ ହୋଇ ଚିକିତ୍ସିତ ହୋଇଥିଲେ। ସେଥିରୁ ୨୪ ଜଣ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଛନ୍ତି।

## ଜିଲା କାର୍ଯ୍ୟକର୍ତ୍ତା ଚୟନ, ସମ୍ମିଳନୀ

ହାତୀଓଟ,୧୫।୯

ପୋଲସରା ବ୍ଲକ ଏନ୍‌ଏସିର ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ପକ୍ଷରୁ ଏକ ସମ୍ମିଳନୀ ସହ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକରୁ ବହୁ ବ୍ୟକ୍ତି ବୈଠକରେ ଯୋଗ ଦେଇଥିଲେ। ଫରୱାର୍ଡ ବ୍ଲକ୍ ପକ୍ଷରୁ ଜିଲା ସମ୍ପାଦକ ସମରଜିତ୍ ମହାନ୍ତିଙ୍କ ନେତୃତ୍ୱରେ ସମିଳନୀ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢୀ, ମୁଖ୍ୟବକ୍ତା ରାଜ୍ୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଓ ଯୁବ ସଂଗଠକ ଯୋଗେନ୍ଦ୍ର ପାଢୀ ସମ୍ମାନିତ ଅତିଥି ଭାବେ





ଉପସ୍ଥିତ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍ କର୍ମକର୍ତ୍ତା।

ଯୋଗ ଦେଇଥିଲେ। ୨୦୨୪ ନିର୍ବାଚନ ବର୍ଷକୁ ଦୃଷ୍ଟିରେ ରଖି ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ନିଜ ଆଡୁ ବିଭିନ୍ନ ସଙ୍ଗଠନ ଆରମ୍ଭ କରିବାରେ ଲାଗିଛି। ସେଥିପାଇଁ ରବିବାର ମାତୃଶକ୍ତି କଲ୍ୟାଣ ମଣ୍ଡପରେ ବିଭିନ୍ନ ସଂଗଠନ ତଥା ଛାତ୍ର ଓ ଯୁଥ୍ ଆରମ୍ଭ କରିଛି। ଏହି ଦୁଇ ସଙ୍ଗଠନ ପାଇଁ ୧୧ ଜଣିଆ ଓ ୭ ଜଣିଆ କମିଟି ଗଠନ କରାଯାଇଛି। ଛାତ୍ର ସଙ୍ଗଠନର ସଭାପତି ଭାବେ କ୍ଷିରସିନ୍ଧୁ ମହାପାତ୍ର, ସମ୍ପାଦକ ଅଂଶୁମାନ ପଣ୍ଡା ଓ ୟୁଥ୍ ସଂଗଠନର ମିଥୁନ୍ ବେହେରା ଓ ସମ୍ପାଦକ ସୁବ୍ରତ ବେହେରାଙ୍କୁ ସର୍ବସମ୍ମତି କ୍ରମେ କମିଟି ଗୁଡ଼ିକ ଜରିଆରେ ଚୟନ କରାଯାଇଛି। ଆଗାମୀ ଦିନରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଲୋକମାନଙ୍କ ପାଇଁ ୮ ଦଫା ଦାବି ନେଇ ସରକାରଙ୍କୁ ଘେରିବେ ବୋଲି କାର୍ଯ୍ୟକ୍ରମରେ ପ୍ରକାଶ କରିଛି ।

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ

ଖଲ୍ଲିକୋଟ, ୧୫।୯ (ଡି.ଏନ.ଏ.)- ଖଲ୍ଲିକୋଟ ସହରରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ଜନ୍ମ ଉପଲକ୍ଷେ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ସେପ୍ଟେମ୍ବର ୮ରୁ ଏହା ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଥିଲା। ସକାଳ ୭ଟାରୁ ୧୨ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାରାୟଣ ହେବା ସହ ୯ଟା ପର୍ଯ୍ୟନ୍ତ ପ୍ରବଚନ ହୋଇଥିଲା। କର୍ତ୍ତା ରୂପେ କୁଞ୍ଜ ବିହାରୀ ମିଶ୍ର ଦାୟିତ୍ୱ ବହନ କରିଥିବା ବେଳେ ବ୍ୟାସ ହରିଚରଣ ଦାସ, ଉପବ୍ୟାସ ରାମମୋହନ ପଣ୍ଡା ଓ ପ୍ରବଚକ ଛନ୍ଦାଚରଣ ଦାସ ପ୍ରବଚନ ଦେଇଥିଲେ। ଏଥିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### ମାରଣାସ୍ତ୍ର ଦେଖାଇ ଲୁଟ୍

ରାଇସୁଆଁ, ୧୫।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଟିକରପଡା ଗ୍ରାମର ନରେନ୍ଦ୍ର ବେହେରାଙ୍କ ଘରେ ୯ରୁ ଊର୍ଦ୍ଧ୍ୱ ଡକାୟତ ଘରେ ପଶି ମାରଣାସ୍ତ୍ର ଦେଖାଇ ପରିବାର ଲୋକଙ୍କୁ ମାରପିଟ କରିବା ସହିତ ଲକ୍ଷାଧିକ ଟଙ୍କାର ଅଳଙ୍କାର, ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ଏକ ବାଇକ୍‌କୁ ନେଇ ଦୁର୍ବୃତ୍ତମାନେ ପଳାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଡକାୟତ ମାନେ ଏହି ଘଟଣା ଘଟାଇ ଥିବା ବେଳେ ସେହିପରି ସଦର ଥାନା ଅନ୍ତର୍ଗତ ପଦ୍ମପୁର ବଜାର ନିକଟରୁ ପୃଷ୍ଟି ମୋବାଇଲ ଦୋକାନରୁ କାନ୍ଥ କାଟି ବହୁ ମୂଲ୍ୟର ମୋବାଇଲ ଲୁଟି ନେଇ ପଳାଇଥିବା ଜଣା ପଡିଛି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

### ଚାରାରୋପଣ କାର୍ଯ୍ୟକ୍ରମ

କେନ୍ଦୁଝର, ୧୫।୯ (ସ୍ୱ.ପ୍ର.)-ଡିମ୍ବୋ ସ୍ଥିତ କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟର ଇଲେକ୍ଟ୍ରିକାଲ, ମାଇନିଂ ଓ ମେଟାଲର୍ଜି ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏ ଚାରାରୋପଣ କରିବା ନିହାତି ଦରକାର ବୋଲି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରିଥିଲେ। ଅନୁଷ୍ଠାନର ସଭାପତି ଡ. ବସନ୍ତ କୁମାର ଦାନୀ, ଅଧକ୍ଷ ଡ. ମୃତ୍ୟୁଞ୍ଜୟ ନାୟକ ଓ ବିଭାଗୀୟ ଅଧାପକମାନେ ସାମିଲ ଥିଲେ। ଏଆଇସିଟିଇଙ୍କ ଆଦେଶ କ୍ରମେ ପରିବେଶ ସୁରକ୍ଷା ପାଇଁ ଏଭଳି ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାପଡିଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ବାଙ୍ଗିରିପୋଷି,୧୫।୯(ଡି.ଏନ୍.ଏ.): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ମଣଦା ଛକ ନିକଟରେ ଦୁର୍ଘଟଣାରେ ଜଣେ ଅଜଣା ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ଆରୋହୀ ଜଣକ ଦ୍ରୁତଗତିରେ ଯାଉଥିବା ବେଳେ ୪୯ ନମ୍ବର ଜାତୀୟ ରାଜପଥର ମଣଦା ଛକ ନିକଟରେ ଥିବା ଏକ ବାଙ୍କ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବରପାଇ ବାଙ୍ଗିରିପୋଷି ପୋଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

### ଅସହାୟଙ୍କୁ ମଶାରି ବଣ୍ଟନ

କୁଆମରା,୧୫।୯(ଡି.ଏନ୍.ଏ.): ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସାଇଁକୁଲା ସ୍ୱେଚ୍ଛାସେବୀ ସଙ୍ଗଠନ 'ଆହ୍ୱାନ' ପକ୍ଷରୁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶତାଧିକ ଅସହାୟ ଗରିବ ପରିବାରଙ୍କୁ ମଶାରି ବଣ୍ଟନ କରାଯାଇଛି। ଆହ୍ୱାନର ସଭାପତି ଭଗବାନ ନାୟକଙ୍କ ନିଜସ୍ୱ ଆର୍ଥିକ ସହାୟତାରେ ମଶାରୀ ବଣ୍ଟନ କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ସନାତନ ଜେନା, ଗୌରଚନ୍ଦ୍ର ଦାସ, ପ୍ରଫୁଲ୍ଲ ଦଣ୍ଡପାଟ, ମୁରଲୀଧର ବେହେରା, ଦିନେଶ ବିନ୍ଧାଣି, କପିଳେନ୍ଦ୍ର ମଲିକ, ସୁମନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ମଦ ବେପାରୀ ଗିରଫ

ରାଇରଙ୍ଗପୁର,୧୫।୯(ଡି.ଏନ୍.ଏ.): ରାଇରଙ୍ଗପୁର ଅବକାରୀ ସର୍କଲ ଅଧୀନ ବହଳଦା ଅବକାରୀ ବିଭାଗ ଚଢ଼ାଉ କରି ୨ ମଦ ବେପାରୀଙ୍କୁ ଗିରଫ କରିବା ସହ ୧୧ ଲିଟର ମଦ ଜବତ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ବହଳଦା ଥାନା ଅନ୍ତର୍ଗତ ବରଗଡ଼ିହି ଗ୍ରାମର କୃପାସିନ୍ଧୁ ମହାନ୍ତ ଏବଂ ଶଶ ଗ୍ରାମର ରାଜକିଶୋର ବେହେରା। ଅବକାରୀ ୨ଟି ମାମଲା (ନଂ. ୫୫/୧୯ ଓ ୫୬/୧୯) ରୁଜୁ କରି ରବିବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

■ କମ୍ପାନୀର ସ୍ୱରେଜ ପ୍ଲାଣ୍ଟ ଅଚଳ

# ଦୁର୍ଗନ୍ଧମୟ ପରିବେଶରେ ଅଞ୍ଚଳବାସୀ

ଯୋଡ଼ା, ୧୫।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ପୌରପାଳିକାର ଗୋପମହାନ୍ତି ହଟିଂ ତଥା ୯ନଂ ୱାର୍ଡବାସୀ ଟାଟାଷ୍ଟିଲ କମ୍ପାନୀର ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ନିର୍ଗତ ଦୁର୍ଗନ୍ଧର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଗୋପ ମହାନ୍ତି ହଟିଂର ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ସୋମନାଥ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପଶ୍ଚିମ ଯୋଡାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନା ନିକଟରେ ଟାଟାଷ୍ଟିଲ କମ୍ପାନୀ ପକ୍ଷରୁ ଏକ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏହା ଗୋପ ମହାନ୍ତି ହଟିଂ ନିକଟରେ ଅବସ୍ଥିତ। ଏଥିରେ ଟାଟାକମ୍ପାନୀର ବିଭିନ୍ନ କର୍ମଚାରୀ କଲୋନୀ ଓ କମ୍ପାନୀ ଗୃହରେ ଥିବା ପାଇଖାନାର ଜଳକୁ କମ୍ପାନୀ ଆଣି ତାହାକୁ ବିଶୋଧନ କରି ତାହାକୁ ଡ୍ରେନ ମାଧ୍ୟମରେ ସୁନାନଦୀରେ ଛାଡୁଛି। ଯାହାକୁ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ କୁହାଯାଏ। କିଛି ମାସ ପର୍ଯ୍ୟନ୍ତ ଏହା ଠିକ୍ ଚାଲୁଥିଲା। ମାତ୍ର ଗତ ଜୁନ୍ ମାସରେ କୌଣସି ସ୍ଥାନରେ ପାଇପ ଫାଟିଯାଇଥିବାରୁ ଏଥିରୁ ନିର୍ଗତ ଦୁର୍ଗନ୍ଧ ଗ୍ୟାସ ଅଞ୍ଚଳକୁ ପ୍ରଦୂଷିତ କରିଥିଲା। ଏନେଇ ୱାର୍ଡବାସୀ ଅଭିଯୋଗ କରିବା ପରେ ତାହାକୁ କମ୍ପାନୀ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ପୁନର୍ବାର ଏହି ପ୍ଲାଣ୍ଟରୁ ନିର୍ଗତ ଦୁର୍ଗନ୍ଧମୟ ଜଳକୁ ସକାଳ ଏବଂ ସନ୍ଧ୍ୟା ସମୟରେ ପ୍ରାୟ ଦୁଇ ଘଣ୍ଟା ଧରି ଦୈନିକ ଏକ ନାଳକୁ ସିଧାସଳଖ ଛାଡି ଦିଆଯାଉଛି। ଏହି ପ୍ଲାଣ୍ଟରେ ଦୁର୍ଗନ୍ଧମୟ ଜଳକୁ ବିଶୋଧନ କରି ଏଥିରୁ ନିର୍ଗତ ଦୁର୍ଗନ୍ଧହୀନ ଜଳକୁ ଛଡାଯିବାର ବ୍ୟବସ୍ଥା ରହିଥିଲେ ହେଁ ଏହି କାର୍ଯ୍ୟ ଠିକ ଭାବେ କରାଯାଉନଥିବାରୁ ଏହା ସମଗ୍ର ଅଞ୍ଚଳକୁ ଦୁର୍ଗନ୍ଧମୟ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟାଟାଷ୍ଟିଲ କମ୍ପାନୀର କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଆଶିଷ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ କମ୍ପାନୀ ପକ୍ଷରୁ ପ୍ରତିଦିନ କୌଣସି ସ୍ଥାନରେ ଲିକେଜ ହେଉଥିବା ନେଇ ଚେକ୍ କରାଯାଏ। ତେବେ କୌଣସି ପ୍ରକାର ପ୍ଲାଣ୍ଟରୁ ଲିକେଜ ହେଉଥିବା ନେଇ ଜଣାପଡିନାହିଁ। ସ୍ଥାନୀୟ ଲୋକମାନେ ମଧ୍ୟ ଏନେଇ କମ୍ପାନୀଠାରେ କୌଣସି ଅଭିଯୋଗ କରିନାହାନ୍ତି। ଏପରି ଖବର ଜାଣିବାପରେ ପୁନର୍ବାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ ଏବଂ ଲୋକଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଉଦ୍ୟମ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ଅଭିଯୋଗ କରିଥିବା ଅଞ୍ଚଳବାସୀ।

# ଅବାଧରେ ବିକ୍ରି ଚାଲିଛି ଅପମିଶ୍ରିତ ଖାଦ୍ୟ

ଚିକିଟି,୧୫।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଚିକିଟି, ଚାନ୍ଦପୁର ସମେତ ଏହାର ଆଖପାଖ ବଜାରରେ ଗତ କିଛି ଦିନ ହେଲା ଅପମିଶ୍ରିତ ଖାଦ୍ୟଦ୍ରବ୍ୟ ଅବାଧରେ ବିକ୍ରି ଚାଲିଛି। ଏହି ବିକ୍ରିକୁ ରୋକିବା କିମ୍ବା ଯାଞ୍ଚ କରିବା ନିମନ୍ତେ ଚିକିଟି ବ୍ଲକ୍, ଏନ୍‌ଏସି କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେହି ଅଧିକାରୀ ନାହାନ୍ତି। ଫଳରେ ଅସାଧୁ ବ୍ୟବସାୟୀମାନେ ପଚାଶଢା ଖାଦ୍ୟଦେଇ ଲୋକଙ୍କୁ ଠକୁଛନ୍ତି। ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ଚିକିଟି ଏନ୍‌ଏସିରେ ଫୁଡ୍ ସେଫ୍‌ଟି ଅଫିସରଙ୍କର ଆବଶ୍ୟକତା ଥିଲେ ମଧ୍ୟ ନିଯୁକ୍ତି ଦିଆଯାଇନାହିଁ। ଫଳରେ ହୋଟେଲ, ଦୋକାନ, ଢାବାଗୁଡିକରେ ଅପମିଶ୍ରିତ ଖାଦ୍ୟ ଓ ପଚାସଢା ଖାଦ୍ୟ ମାନ ଯାଞ୍ଚ ହୋଇପାରୁନାହିଁ। ବିଶେଷକରି ଢାବା ଓ ହୋଟେଲଗୁଡିକରେ ଏହିଭଳି ଖାଦ୍ୟ ପରଷା ଯାଉଥିବା ଅଭିଯୋଗ ହେଉଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଏନ୍‌ଏସିରେ ଅଭିଯୋଗ କରାଗଲେ ମଧ୍ୟ କୌଣସି ଲାଭ ହେଉନାହିଁ। ଲୋକେ ବାସି ଖାଦ୍ୟ ଖାଇ ଅସୁସ୍ଥ ହେଉଛନ୍ତି। ଡିପ୍ ଫ୍ରିଜ୍‌ରେ ଚିକେନ୍, ମଟନ, ଚିଙ୍ଗୁଡି ଓ ମାଛ ଦୀର୍ଘଦିନ ପର୍ଯ୍ୟନ୍ତ ରଖାଯାଉଛି। ହେଲେ ଅନେକ ସମୟରେ ବିଦ୍ୟୁତ୍ ସରବରାହ ବ୍ୟାହତ ଯୋଗୁ ଏଗୁଡିକ ନଷ୍ଟ ହୋଇଯାଉଛି। ହୋଟେଲ ଓ ଢାବା କର୍ତ୍ତୃପକ୍ଷ ଏହାକୁ ଗରମ କରି ଖାଇବାକୁ ଦେଉଛନ୍ତି। ଏହି ଖାଦ୍ୟଗୁଡିକର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବା ଦରକାର। ସ୍ୱାସ୍ଥ୍ୟପାଇଁ ଏହା କେତେଦୂର ଉପଯୁକ୍ତ ତାହା ଜଣା ପଡିଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଭଳି ଖାଦ୍ୟଖାଇ ଲୋକମାନେ ଝାଡା ବାନ୍ତିରୁ ଆରମ୍ଭ କରି ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଣୁ ଲୋକମାନଙ୍କ ହିତଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ପଦକ୍ଷେପ ନେଉ ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ସହ ଯୋଗାଯୋଗ ବେଳେ ଏହି ବିଭାଗ ପାଇଁ ସରକାରଙ୍କ ପକ୍ଷରୁ କୌଣସି କର୍ମଚାରୀ ନିଯୁକ୍ତି ଦିଆଯାଇନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

■ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା

# ଭାଗନେଲେ ୪୦୨ ଛାତ୍ରୀଛାତ୍ର

କେନ୍ଦୁଝର,୧୫।୯(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ରାଇସୁଆଁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଶାରଦୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୫୨ ଗୋଟି ଉଚ୍ଚବିଦ୍ୟାଳୟ ଏବଂ ୨୦ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସର୍ବମୋଟ ୪୦୨ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ସେଥିମଧ୍ୟରୁ ୧୪ ବର୍ଷରୁ କମ୍ କନିଷ୍ଠ ବିଭାଗରେ କବାଡ଼ି ଖେଳରେ ୫୮ଜଣ, ଖୋଖୋ ଖେଳରେ ୬୫ଜଣ। ସେହିପରି ୧୭ବର୍ଷରୁ କମ ବରିଷ୍ଠ ବିଭାଗରେ କବଡ଼ିରେ ୮୮ଜଣ, ଖୋଖୋ ଖେଳରେ ୬୮, ଫୁଟବଲ ଖେଳରେ ୧୫ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠୀ, ରଘୁନାଥ ବେହେରା, ହୃଷୀକେଶ ମହାନ୍ତଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ପ୍ରଦୀପ ବାରିକ, ସସ୍ମିତା ବିଶ୍ୱାଳ, ରଞ୍ଜନ ମହାନ୍ତ, ଜ୍ୟୋତି କମଲ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ବିଆର୍‌ସିସି ସଚ୍ଚିଦାନନ୍ଦ ସେଠୀ ପ୍ରକାଶ କରିଥିଲେ। ସିଆର୍‌ସିସି ଡମ୍ବରୁଧର ସାହୁ, ରଣଜିତ ବ୍ରହ୍ମ, ଜନ୍ମେଜୟ ସାହୁ, ନେତ୍ରାନନ୍ଦ ଦେହୁରୀ, ଧର୍ମାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଳମ୍ବ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ପୋଲସରା,୧୫।୯

ପୋଲସରା ବ୍ଲକ କଳମ୍ବ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଏନୟୁପିଏସ୍ କଳମ୍ବଠାରେ ଅନୁଷ୍ଠିତ ହୋଇଯାଇଛି। ପୋଲସରା ଗୋଷ୍ଠୀ ଶିକ୍ଷାଧୀଶ ତ୍ରିଲୋଚନ ତ୍ରିପାଠୀଙ୍କ ଦ୍ୱାରା ମେଳା ଉଦ୍‌ଘାଟିତ ହୋଇଥିଲା। ପ୍ରଧାନ ଶିକ୍ଷକ ତ୍ରିନାଥ ପ୍ରଧାନ, ସିଆର୍‌ସିସି ସୂର୍ଯ୍ୟ ନାରାୟଣ ନାୟକ ସହଯୋଗ କରିଥିଲେ। କ୍ଲଷ୍ଟରର ଦୁଇଟି ଉଚ୍ଚ ବିଦ୍ୟାଳୟ, ୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୯ ପ୍ରାଥମିକ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷଣ ସାମଗ୍ରୀ ଗୁଡ଼ିକ ଶିକ୍ଷଣ ଉପଯୋଗୀ ଓ ପ୍ରସଙ୍ଗ ଭିତ୍ତିକ ହୋଇଥିଲା। ପୋଲସରା ଏନ୍‌ଏସିର ସିଆରସିସି ହରମୋହନ ମିଶ୍ର ଓ ବିଇଓ ତ୍ରିଲୋଚନ ତ୍ରିପାଠୀଙ୍କ ଦ୍ୱାରା ମୂଲ୍ୟାଙ୍କନ ହୋଇଥିଲା।

# ମୋ ଗୋପାଳପୁର କାର୍ଯ୍ୟକ୍ରମ

ଗୋପାଳପୁର,୧୫।୯

ଗୋପାଳପୁର ବେଳାଭୂମିକୁ ସ୍ୱଚ୍ଛ ସୁନ୍ଦର କରି ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗୋପାଳପୁର ଏନ୍‌ଏସି ପକ୍ଷରୁ ମୋ ଗୋପାଳପୁର କାର୍ଯ୍ୟକ୍ରମ ଚାଲୁ ରହିଛି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ମୋ ଗୋପାଳପୁର କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଅଧକ୍ଷତା କରିଥିଲେ। ପୂର୍ବାହ୍ନରେ ସହକାରୀ ଜିଲାପାଳ ବିନୋଦ କୁମାର ବେହେରା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ସହ ଅନ୍ୟମାନେ ବେଳାଭୂମି ସଫା କରିଥିଲେ। ଏଥିସହ ଚାରାରୋପଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ରବିବାର ହେଉଛି। ମିହିର ତ୍ରିପାଠୀ, ମୁନା ସେଠୀ, ପ୍ରଶାନ୍ତ ତ୍ରିବେଦୀ, ପ୍ରିୟରଞ୍ଜନ ମହାରଣା ଓ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିବା ବେଳେ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।




ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

# କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା



ଶିକ୍ଷଣ ସାମଗ୍ରୀ ମେଳା।

କନିଷି,୧୫।୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର କ୍ଲଷ୍ଟର ଆନୁକୂଲ୍ୟରେ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକ କଲୋନୀରେ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲଷ୍ଟରରେ ଥିବା ୧୧ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ଶିଶିର କୁମାର ପଟ୍ଟନାୟକ ସୂଚାରୁ ରୂପେ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାସ ଓ ରଙ୍ଗିପୁର ସରପଞ୍ଚ ରଶ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିସହ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ବିଭାଗ ଏବିଇଓ ଲୋକନାଥ ପାଢ଼ୀ, ପ୍ରସନ୍ନ କୁମାର ରଥ ଓ ରବୀନ୍ଦ୍ର ନାଥ ତ୍ରିପାଠୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁସୁମ କୁମାରୀ ପାଢ଼ୀ ଓ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଦଣ୍ଡକାଳୀ ପୂଜା କମିଟି ଚୟନ

ହିଞ୍ଜିଳିକାଟୁ, ୧୫।୯ (ଡି.ଏନ୍.ଏ)

ହିଞ୍ଜିଳିକାଟୁ ବ୍ଲକ ଆଲପୁର ଗ୍ରାମରେ ଦଣ୍ଡକାଳୀ ମନ୍ଦିର ପରିଚାଳନା ନେଇ ଶୁକ୍ରବାର ଏକ ବୈଠକ ହୋଇଥିଲା। ମନୋଜ କୁମାର ପୋଲାଇଙ୍କୁ ଆସନ୍ତା ଦଣ୍ଡକାଳୀ ଯାତ୍ରା ପରିଚାଳନା ପାଇଁ ପୂଜା କମିଟିର ତତ୍ତ୍ୱାବଧାରକ ଭାବେ ସର୍ବ ସମ୍ମତ ମନୋନୀତ କରାଯାଇଛି। ପ୍ରକାଶ ଯୋଗ୍ୟ, ଦଣ୍ଡକାଳୀ ପୂଜା କମିଟି ପାଇଁ ଗ୍ରାମରେ ପୂର୍ବରୁ ୨ ଗୋଷ୍ଠୀଙ୍କ ମଧ୍ୟରେ ବହୁବାର ବିବାଦ ହୋଇ ଥାନା ପର୍ଯ୍ୟନ୍ତ ଯାଇଛି। ଚଳିତ ବର୍ଷ ପୁଣି ଥରେ ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦର ଆପୋସ ସମାଧାନ ହୋଇ ନ'ଥିଲା। ତେଣୁ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ହିଞ୍ଜିଳିକାଟୁ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ଓ ଅନ୍ୟ ସରକାରୀ ଅଧିକାରୀ ଗ୍ରାମସଭା କରି ଆସନ୍ତା ବର୍ଷ ହେବାକୁ ଥିବା ପୂଜା କମିଟି ଚୟନ କରିଥିଲେ। ଉଭୟ ପକ୍ଷ ଯାତ୍ରା ଓ ପୂଜାକୁ ଶାନ୍ତି ଶୃଙ୍ଖଳାରେ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ।

# ଓଡ଼ିଶା ରାଜସ୍ୱ ଅମଲା ସଂଘ ବୈଠକ

କେନ୍ଦୁଝର, ୧୫।୯ (ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଜିଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ସ୍ଥାନୀୟ ଡିଆରଡିଏ କନ୍‌ଫରେନ୍ସ ହଲଠାରେ ସଭାପତି ମହମ୍ମଦ ଅଲ୍ଲୀଜିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମ୍ପାଦକ କୈଳାସ ଚନ୍ଦ୍ର ମଲ୍ଲିକ ବୈଠକର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଥମେ ଉପସଭାପତି ରାଜକିଶୋର ପଣ୍ଡା ଜିଲାରେ ଡିପିସି ବସିବାର ବିଳମ୍ବର କାରଣ ସମ୍ପର୍କରେ ପ୍ରଶ୍ନ କରିଥିଲେ। ସଂଗଠନ ସମ୍ପାଦକ ଭୁବନେଶ୍ୱର ମହାପାତ୍ର ଓ କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ରଣା ମଧ୍ୟ ତାହାକୁ ସମର୍ଥନ କରିଥିଲେ। ଜବାବରେ ଉପସଭାପତି ରଶ୍ମିରଞ୍ଜନ ମହାନ୍ତି ଓ ସରୋଜ କୁମାର ସାହୁ ଏଷ୍ଟାବ୍ଲିଶମେଣ୍ଟ ଅଫିସର, ଅତିରିକ୍ତ ଜିଲାପାଳ ଓ ଜିଲାପାଳଙ୍କୁ ଆସନ୍ତା ମଙ୍ଗଳବାର ୧୭ତାରିଖ ୧୧ ଘଟିକା ସମୟରେ ଭେଟି ଦାବି ଜଣାଇବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ତାଙ୍କୁ ସମର୍ଥନ କରି ମଙ୍ଗଳବାର ଉପସ୍ଥିତ ରହି ଅତିରିକ୍ତ ଜିଲାପାଳ ଓ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ କର୍ମଚାରୀଙ୍କର ଏମଏସିପି ଯଥାଶୀଘ୍ର କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ଉପସଭାପତି ରଶ୍ମିରଞ୍ଜନ ଆଗାମୀ ଦିନରେ ରାଜ୍ୟସ୍ତରରେ ନିଆଯିବାକୁ ଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଉପସଭାପତି କାମିନୀ ମହାନ୍ତ, କୋଷାଧ୍ୟକ୍ଷ ବିଚିତ୍ରାନନ୍ଦ ରାଉତ, ଆଞ୍ଚଳିକ ସମ୍ପାଦକ ଅଶୋକ କୁମାର ଦାସ, ପ୍ରଭାତେନ୍ଦୁ ନାୟକ ଗଣମାଧ୍ୟମ ସଂଯୋଜକ ପୀତବାସ ମହାନ୍ତ, ଜିତେନ୍ଦ୍ର କୁମାର ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ହେମନ୍ତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ହିଞ୍ଜିଳିକାଟୁରେ ଲୋକ ଅଦାଲତ

ହିଞ୍ଜିଳିକାଟୁ, ୧୫।୯ (ଡି.ଏନ୍.ଏ)

ହିଞ୍ଜିଳିକାଟୁ ଜେଏମ୍‌ଏଫ୍‌ସି କୋର୍ଟରେ ଶନିବାର ଏକ ଲୋକ ଅଦାଲତ ମାଜିଷ୍ଟ୍ରେଟ ରାଜଶ୍ରୀ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଫୌଜଦାରୀ ମାମଲାର ସମାଧାନ ହୋଇଥିଲା। ଏଥିସହ ଏସ୍‌ବିଆଇ ହିଞ୍ଜିଳିକାଟୁର ବିଭିନ୍ନ ଅର୍ଥନୈତିକ ମାମଲାର ସମାଧାନ ହୋଇ ୧ଲକ୍ଷ ୭୫ହଜାର ଟଙ୍କା ଆଦାୟ ହୋଇଥିଲା। ବ୍ୟାଙ୍କ ମ୍ୟାନେଜର ସତ୍ୟଶିଷ ପଟ୍ଟନାୟକଙ୍କ ସହ ଓକିଲ ରାମଚନ୍ଦ୍ର ମହାପାତ୍ର, ଦୁର୍ଗା ମାଧବ ଦଳାଇ, କାଳ ଚରଣ ଲେଙ୍କା, ଶିବାଜୀ ପାତ୍ର, ସରକାରୀ ଓକିଲ ଯିଶୁରାମ ବେହେରା, ପ୍ରମୋଦ କୁମାର ଦଳାଇଙ୍କ ସମେତ କୋର୍ଟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପାଟଣା, ୧୫।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ରବିବାର ଉତ୍ତର ସମ୍ଭାଗ ସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା ଓ ପତ୍ର ପତ୍ରିକା-ପ୍ରଚାର ପ୍ରସାର କର୍ମଶାଳା ବିଦ୍ୟାଭାରତୀ ଓ ଶିକ୍ଷାବିକାଶ ସମିତି ଓଡିଶା ତରଫରୁ ଅନୁଷ୍ଠିତ ହୋଇଛି। ଏଥିରେ ଉତ୍ତର ସମ୍ଭାଗ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୩୯ ଜଣ ଗୁରୁମା ଓ ୧୯ ଜଣ ଗୁରୁଜୀ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଦୁଇ ଦିନବ୍ୟାପୀ ଅନୁଷ୍ଠିତ ଏହି କର୍ମଶାଳାରେ ଉତ୍ତର ସମ୍ଭାଗ ସଂଯୋଜକ ସୁକାନ୍ତ ବେହେରାଙ୍କ ସଂଯୋଜନାରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ନିରୀକ୍ଷକ ଶ୍ରୀନିବାସ ପ୍ରଧାନ, ମୟୂରଭଞ୍ଜ ନିରୀକ୍ଷକ ଜିତୁରାମ ମହାନ୍ତ, ସମ୍ଭାଗ ବାଳିକା ଶିକ୍ଷା କର୍ମଶାଳା ପ୍ରମୁଖ ନନ୍ଦିନୀ ମହାନ୍ତି, ପାଟଣା ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସ୍ମୃତିପ୍ରଭାଙ୍କ ନିବେଦନ ପରେ ମିଳିଲା ସହାୟତା

ରାଇସୁଆଁ, ୧୫।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତର କୁସୁମିତା ଗ୍ରାମରେ ୪ଜଣ ଅସହାୟ ଶିଶୁଙ୍କୁ ସଦର ଥାନା ଆଇଆଇସି ସ୍ମୃତିପ୍ରଭା ପ୍ରଧାନ ସହାୟତାର ହାତ ବଢ଼ାଇଥିଲେ। ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ସହ ସଦର ଆଇଆଇସି ଏହି ଅସହାୟ ଶିଶୁ ମାନଙ୍କ ବିଷୟରେ ଚାଇଲ୍ଡଲାଇନଙ୍କୁ ଜଣାଇବା ପରେ ରବିବାର ଡିଏସପିୟୁ ଅଫିସର ଦେବଜାନୀ ବାରିକଙ୍କ ତତ୍ତ୍ୱାବଧାନରେ ଚାଇଲ୍ଡଲାଇନର କର୍ମକର୍ତ୍ତା ମାନେ ଆସି ଶ୍ରୀଧର ମୁଣ୍ଡାଙ୍କ ଘରେ ପହଞ୍ଚି ଏହି ଅସହାୟ ୩ଶିଶୁଙ୍କୁ ନିଜ ହେପାଜତକୁ ନେଇ ଥିବା ସୂଚନା ମିଳିଛି। ପ୍ରଶାସନ ଏହି ଅସହାୟ ଶିଶୁଙ୍କୁ ଥଇଥାନ କରିଥିବାରୁ ସ୍ଥାନୀୟ ସାମାଜିକ କର୍ମୀ ସଞ୍ଜୟ ସାହୁ ଏବଂ ଗ୍ରାମବାସୀ ପ୍ରଶାସନକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ସୂଚନା ଅନୁସାରେ କୁସୁମିତା ଗ୍ରାମର ଶ୍ରୀଧର ମୁଣ୍ଡା ପରିବାରର ଭରଣ ପୋଷଣ ପାଇଁ ଦାଦନ ଖଟିବାକୁ ଗୁଜରାଟ ଯାଇଥିଲେ। ସେଠାକୁ ଯିବାର କିଛି ଦିନ ପରେ ତାଙ୍କ ସ୍ତ୍ରୀ ୪ ଅସହାୟ ଶିଶୁଙ୍କୁ ଛାଡି କୁଆଡ଼େ ଚାଲି ଯାଇଥିଲେ। ଫଳରେ ସେହି ଶିଶୁମାନେ ଅସହାୟ ହୋଇପଡ଼ିଥିଲେ। ବେଳେବେଳେ ସେମାନଙ୍କୁ ଖାଇବାକୁ ମିଳେନାହିଁ। ଯାହା ବଡ଼ଭଉଣୀ ସେମାନଙ୍କୁ ରାନ୍ଧିବାଢ଼ି ଖାଇବାକୁ ଦଅନ୍ତି। ତାଙ୍କ ବୟସ ମାତ୍ର ୬ବର୍ଷ। ଅନ୍ୟ ଜଣେ ୪ବର୍ଷର ସାନ ଭଉଣୀ ଏବଂ ଅନ୍ୟଜଣେ ବର୍ଷର ସାନ ଭାଇଙ୍କ ଦାୟିତ୍ୱ ମଧ୍ୟ ସେ ନେଉଛନ୍ତି। ଅତି ଦୟନୀୟ ଅବସ୍ଥାରେ ଭଙ୍ଗା ଘରେ ରହୁଥିବା ଦେଖିବାକୁ ମିଳିଛି। ମା' ପଳାଇବା ପରେ ତାଙ୍କ ବାପା ଶ୍ରୀଧର ଖବର ପାଇ କିଛି ଦିନ ହେବ ଘରକୁ ଫେରିଥିଲେ। ଗୁଜୁରାଣ ମେଣ୍ଟାଇବା ପାଇଁ ସକାଳୁ ଜଙ୍ଗଲ ଯାଇ ଜାଳେଣି କାଠ ସଂଗ୍ରହ କରି ପାଖ ବଜାରରେ ବିକ୍ରି କରନ୍ତି। ହେଲେ ତଥାପି ସେ ଅକ୍ଷମ ହୋଇପଡୁଛନ୍ତି। ତେବେ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଅପପୁଷ୍ଟିରେ ପୀଡିତ ଥିବା ଏକ ବର୍ଷର ଶିଶୁକୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି। ଅନ୍ୟ ୩ଶିଶୁଙ୍କ ଦୟନୀୟ କଥା ଜାଣିବା ପରେ ଆଇଆଇସି ସ୍ମୃତିପ୍ରଭା ସେଠାରେ ପହଞ୍ଚି ପିଲାମାନଙ୍କୁ ପେଟପୁରା ଖାଇବାକୁ ଦେଇଥିଲେ। କିଛି କ୍ଷଣ ଭିତରେ ପିଲାମାନେ ସବୁ ଭୁଲି ଆଇଆଇସିଙ୍କ ନିକଟରୁ ମା'ର ପ୍ରେମ ପାଇଥିଲେ। ସେ ଏହି ଅସହାୟ ପିଲାଙ୍କୁ ସାହାଯ୍ୟ କରିବା ପାଇଁ ଚାଇଲ୍ଡଲାଇନକୁ ନିବେଦନ କରିଥିଲେ।

**ଏକ ବର୍ଷର ଶିଶୁକୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର**



ଅସହାୟ ୩ ଶିଶୁଙ୍କ ନିକଟରେ ପହଞ୍ଚିଲା ଚାଇଲ୍ଡ ଲାଇନ କର୍ମକର୍ତ୍ତା।

